୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

Vol.26 . No.258 Bhubaneswar Tuesday November 26 2024 | ୨୬ତମ ବର୍ଷ ସଂଖ୍ୟା-୨୫୮ ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୬, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ଜେଡ୍ ଇଷ୍ଟେଟ୍ ମାଲିକଙ୍କ ବୟାନ ପରେ ସତ ଖୋଲିଲା ଇଡି: ଜବତ ହୋଇଛି ୧.୩୯କୋଟି ଟଙ୍କା ସହ ବହୁ ଆପତ୍ତିଜନକ ଦସ୍ତାବିଜ



ଭୁବନେଶ୍ୱର,୨୫।୧୧(ପି.ଏନ):ଜେଡ୍ ଇଷ୍ଟେଟସ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ତପନ କୁମାର ମହାନ୍ତିଙ୍କୁ ଗଣମାଧ୍ୟମରେ ବୟାନ ଦେବା ମହଙ୍ଗା ପଡିଛି । ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏକ ପ୍ରେସ୍ ରିଲିଜ୍ ମାଧ୍ୟମରେ ଫେମା ଆକ୍ଟ ଉଲ୍ଲଘଂନ ଅଭିଯୋଗରେ ଜେଡ୍ ଇଷ୍ଟେଟସ୍ କମ୍ପାନୀର ନିର୍ଦ୍ଦେଶକମାନଙ୍କ ସମେତ ଏହାସହ ଜଡିତ ଅନ୍ୟ ପ୍ରମୁଖ ବ୍ୟକ୍ତିମାନଙ୍କ ଘର ଓ ଅଫିସରେ ସର୍ଚ୍ଚ ଅପରେସନ୍ କରାଯାଇ ହିସାବ ବହିର୍ଭୂତ ୧କୋଟି ୩୯ଲକ୍ଷ ଟଙ୍କାର ନଗଦ ଟଙ୍କା ସହ ବହୁ ଆପତ୍ତିଜନକ ଦସ୍ତାବିଜ ଜବତ କରାଯାଇଥିବା ସ୍ପଷ୍ଟ କରିଛି । ଏହି ସର୍ଚ୍ଚ ଅପରେସନ୍ ନଭେମ୍ବର ୨୨ତାରିଖରେ ଓଡିଶା, ଦିଲ୍ଲୀ ଓ ଗୁରୁଗାଓର ୯ଟି ସ୍ଥାନରେ ହୋଇଥିବା ଇଡି ସୂଚ଼ନା ଦେଇଛି । ତେବେ ଜେଡ୍ ଇଷ୍ଟେଟ୍ ପରିଚ଼ାଳନା ନିର୍ଦ୍ଦେଶକ ତପନ କୁମାର ମହାନ୍ତି ନଭେମ୍ବର ୨୩ତାରିଖରେ ଗଣମାଧ୍ୟମକୁ ବୟାନ ଦେଇ ଇଡି ସର୍ଚ୍ଚ ଅପରେସନବେଳେ ତାଙ୍କ ଘରୁ କିମ୍ବା ଅଫିସରୁ କୌଣସି ଦସ୍ତାବିଜ ଜବତ ହୋଇନଥିବା କହିବା ସହ ଇଡି ଅଧିକାରୀମାନେ ଏନେଇ ଲିଖିତ ଭାବେ ଦେଇଥିବା କହିଥିଲେ ।ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ପ୍ରେସ୍ ରିଲିଜ୍ ଅନୁସାରେ ଫରେନ୍ ଏକ୍ସଚେଞ୍ଜ ମ୍ୟାନେଜମେଂଟ (ଫେମା) ଆକ୍ଟ-୧୯୯୯ ଉଲ୍ଲଘଂନ ମାମଲାରେ ଭୁବନେଶ୍ୱର ଜୋନାଲ୍ ଅଫିସ୍ ଦ୍ୱାରା ରାଜ୍ୟର ପ୍ରମୁଖ ରିଏଲ ଇଷ୍ଟେଟ୍ କମ୍ପାନୀ ଜେଡ୍ ଇଷ୍ଟେଟସ୍ ବିରୁଦ୍ଧରେ ନଭେମ୍ବର ୨୨ତାରିଖରେ ସର୍ଚ୍ଚ କରାଯାଇଥିଲା । ଜେଡ୍ ଇଷ୍ଟେଟସ୍ ପ୍ରାଇଭେଟ୍ ଲିମିଟେଡ୍ ଓ ଏହା ସହଭାଗୀ କମ୍ପାନୀ ଜେଡ୍ ହର୍ଷପ୍ରିୟାର ନିର୍ଦ୍ଦେଶକମାନଙ୍କ ଓଡିଶା, ଦିଲ୍ଲୀ ଓ ଗୁରୁଗାଁଓସ୍ଥିତ ୯ଟି ସ୍ଥାନରେ ଥିବା ଘର ଓ ଅଫିସରେ ଚ଼ଢ଼ଉ କରାଯାଇଥିଲା । ବିଭିନ୍ନ ବିଦେଶୀ ସଂସ୍ଥାରୁ ରାଉଣ୍ଡଟ୍ରିପିଙ୍ଗ ମାଧ୍ୟମରେ ଜେଡ୍ ଇଷ୍ଟେଟସ୍ ପ୍ରତ୍ୟକ୍ଷ ବିଦେଶୀ ନିବେଶ ସଂଗ୍ରହ କରି ଫେମା ଆକ୍ଟ-୧୯୯୯ ଉଲ୍ଲଘଂନ କରିଥିବା ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏହି ତଦନ୍ତ କରିଥିବା କହିଛି । ବିଦେଶୀ ନିବେଶ ପାଇଁ ଜେଡ୍ ଇଷ୍ଟେଟସ୍ କମ୍ପାନୀର ସନ୍ଦେହଜନକ ଭୂମିକା ବିଶେଷକରି ହାୱାଲା କାରବାର ଓ ପାଣ୍ଠି ରାଉଣ୍ଡଟ୍ରିପିଙ୍ଗ କରିଥିବା ଆଧାରରେ ଏହି ସର୍ଚ୍ଚ ଅପରେସନ୍ କରାଯାଇଥିଲା ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତା'ର ପ୍ରେସ୍ ରିଲିଜରେ ସ୍ପଷ୍ଟ କରିଛି ।

## ବିଜେପିକୁ ଭୋଟ ନଦେବାରୁ ଗାଁରୁ ବାସନ୍ଦ ଅଭିଯୋଗ

ଭୁବନେଶ୍ୱର,୨୫।୧୧(ପି.ଏନ): ବିଜେପିକୁ ଭୋଟ ନଦେବାରୁ ଗାଁରୁ ବାସନ୍ଦ ଅଭିଯୋଗ । ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ପାଳଶ୍ରୀ ଗାଁରେ ୪ ପରିବାରର ୨୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ ଗାଁରୁ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି । ଗତ ପଞ୍ଚାୟତ ନିର୍ବାଚ଼ନ ସମୟରେ ଗାଁର କିଛି ମୁଷ୍ଟିମୟ ବ୍ୟକ୍ତି ସେହି ଗାଁର ମନମୋହନ ପ୍ରଧାନଙ୍କ ସମେତ ଗାଁର ଅନ୍ୟ ୩ ପରିବାରକୁ ବିଜେପି ଦଳକୁ ଭୋଟ ଦେବା ନେଇ ଚ଼ାପ ପକାଇବା ସହ ବିଭିନ୍ନ ଧମକ ଚ଼ମକ୍ ଦେଇ ଆସୁଥିଲେ । କିନ୍ତୁ ସମସ୍ତେ ସେମାନଙ୍କ କଥାକୁ ଖାତିର ନକରି ନିଜ ପସନ୍ଦର ଦଳକୁ ଭୋଟ ଦେଇଥିଲେ । ପରେ ସେହି ଗାଁର କିଛି ଲୋକ ମିଶି ମନମୋହନଙ୍କ ସମେତ ଅନ୍ୟ ୩ ପରିବାରକୁ ଗାଁରୁ ବାସନ୍ଦ କରି ନିଆଁ, ପାଣି, ମନ୍ଦିର ବନ୍ଦ କରିବା ସହିତ ଘରକୁ ଅତ୍ୟାବଶ୍ୟକ ସାମଗ୍ରୀ ନେବା ପାଇଁ ବିରୋଧ କରିଆସୁଥିବା ଅଭିଯୋଗ ହୋଇଛି । ଏନେଇ ମନମୋହନ ଦୀର୍ଘ ଦିନ ତଳେ ପୁରୀ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ । ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଆଜି ମନମୋହନ ଅନ୍ୟ ପୀଡିତଙ୍କ ସହ ନିମାପଡ଼ା ତହସିଲ ସମ୍ମୁଖରେ ଧାରଣା ଦେଇଥିବା ଦେଖିବାକୁ ମିଳିଛି । ଧାରଣା ସ୍ଥଳକୁ ତହସିଲଦାର ଆସିବା ପରେ ତାଙ୍କ ଗୋଡ଼ତଳେ ପଡ଼ି ତାଙ୍କୁ ନ୍ୟାୟ ମାଗୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ତେବେ ତହସିଲଦାର ଅଭିଯୋଗ ଗ୍ରହଣ କରିଥିବା ବେଳେ ଏହାର ତଦନ୍ତ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି । ସେପଟେ ନ୍ୟାୟ ନମିଳିଲେ ତହସିଲ ସମ୍ମୁଖରେ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଛନ୍ତି ମନମୋହନ।

## ମାସେ ଭିତରେ ପ୍ରଦୂଷଣକୁ ନିୟନ୍ତ୍ରଣକୁ ଆଣିବାକୁ ଅଧିକାରୀ, ଖଣି ମାଲିକଙ୍କୁ ମନ୍ତ୍ରୀଙ୍କ ତାଗିଦ



ଭୁବନେଶ୍ୱର,୨୫।୧୧(ପି.ଏନ): ପ୍ରଦୂଷଣକୁ ନେଇ ରାଗିଲେ ମନ୍ତ୍ରୀ । ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ପ୍ରଦୂଷଣ କଳ, କାରଖାନାର ପ୍ରଦୂଷଣ ନିୟନ୍ତ୍ରଣରେ ବିଫଳତାକୁ ନେଇ ବର୍ଷିଛନ୍ତି । ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଦେଇଛନ୍ତି ମାସେ ସମୟ । ଏହି ସମୟ ଭିତରେ କାର୍ଯ୍ୟାନୁଷ୍ଠାନ ନ ହେଲେ ନିଆଯିବ ପଦକ୍ଷେପ ବୋଲି କହିବା ସହ ଅଧିକାରୀଙ୍କ ପାରିଲା ପଣିଆ ଉପରେ ଆକ୍ଷେପ କରିଛନ୍ତି ।ଆଜି ମନ୍ତ୍ରୀ ରାଜ୍ୟର ପ୍ରଦୂଷଣ ନିୟନ୍ତ୍ରଣରେ ବିଫଳତାକୁ ନେଇ ବର୍ଷିଛନ୍ତି । ଏହି ପ୍ରସଙ୍ଗରେ ଅଧିକାରୀଙ୍କୁ କରିଛନ୍ତି କଟାକ୍ଷ । ଏସି ରୁମରେ ବସି ଯନ୍ତ୍ରୀ, ସଚ଼ିବ, ଅଧିକାରୀ ଯୋଜନା କରୁଛନ୍ତି, ତୃଣମୂଳରେ ଏହାର କାର୍ଯ୍ୟକାରିତାର ତଦାରଖ କରୁନାହାନ୍ତି । ତେଣୁ ଯୋଜନାର ସୁଫଳ ମିଳୁନାହିଁ ବୋଲି କହିଛନ୍ତି ମନ୍ତ୍ରୀ ଖୁଣ୍ଟିଆ ।ଏଥିସହ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଖଣି ମାଲିକ, ସରକାରୀ ଅଧିକାରୀଙ୍କୁ କଡା ତାଗିଦ କରିଛନ୍ତି । ସେ କହିଛନ୍ତି, ମାସ ସମୟ ଦିଆଗଲା ନିୟମ ପାଳନ କରିବାକୁ । ନିୟମ ପାଳନ ନ ହେଲେ କାର୍ଯ୍ୟାନୁଷ୍ଠାନ ହେବ । ଆଗକୁ କହିଛନ୍ତି ଅଧିକାରୀ, ଯନ୍ତ୍ରୀମାନେ ଏସି ରୁମରେ ବସି କାର୍ଯ୍ୟଖସଡା ପ୍ରସ୍ତୁତ କରୁଛନ୍ତି । ନା ନିୟମ ପାଳନ ଉପରେ ଫୋକସ କରୁଛନ୍ତି ନାହିଁ ରାଜ୍ୟ ଖଣି ପାଣ୍ଠିର ବିନିଯୋଗ କରୁଛନ୍ତି । ଡିଏମଏଫରେ ୧୮ ହଜାର ଖର୍ଚ୍ଚ ନ ହେଇ ପଡି ରହିଛି । ଯୋଡା ଓ ବଡବିଲରେ ୧୪୧ ଖଣି ତଥା ୬୦ରୁ ଅଧିକ ଶିଳ୍ପ ଅଛି । କିନ୍ତୁ କେହି ପ୍ରଦୂଷଣ ନିୟନ୍ତ୍ରଣ ଉପରେ କାମ କରୁନାହାନ୍ତି କି ଅଧିକାରୀ ତାର ତଦାରଖ କରୁ ନାହାନ୍ତି । ଫଳରେ ଲୋକେ ଧୂଳି, ଧୂଆଁରେ ଛଟପଟ ହେଉଛନ୍ତି କହିବା ସହ ନିଜ ଅସନ୍ତୋଷ ଝାଡିଛନ୍ତି । ତେବେ ମନ୍ତ୍ରୀ ଦେଇଥିବା କଷ୍ଟ ଭିତରେ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ କଳକାରଖାନା ତଥା ଅଧିକାରୀ କଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା

## ମା'ବିରଜାଙ୍କ ପୀଠର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଠିକ୍ ସମୟରେ ଶେଷ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୫।୧୧(ପି.ଏନ): ଯାଜପୁରର ବିରଜା କ୍ଷେତ୍ର କେବଳ ଓଡିଶାର ନୁହେଁ, ସାରା ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତିପୀଠ। ଓଡିଶାର ଜନସାଧାରଣଙ୍କ ଧାର୍ମିକ ଓ ଆଧ୍ୟାତ୍ମିକ ଚେତନାରେ ଏହା ଏକ ପ୍ରମୁଖ ତୀର୍ଥ କ୍ଷେତ୍ର।

## ମହାପ୍ରଭୁଙ୍କୁ ତାଚ୍ଛଲ୍ୟ...; ଯାତ୍ରା ଷ୍ଟେଜକୁ ଚେୟାର ଫିଙ୍ଗିଲେ ଦର୍ଶକ

ଭୁବନେଶ୍ୱର,୨୫।୧୧(ପି.ଏନ): କୋଟି ଓଡିଆଙ୍କ ଆରାଧ୍ୟ ମହାପ୍ରଭୁ ଜଗନ୍ନାଥଙ୍କୁ ତାଚ୍ଛଲ୍ୟ ! ତାହା ପୁଣି ଖୋଲା ରଙ୍ଗ ମଞ୍ଚରେ। ଯାହାକୁ ନେଇ ହୋଇଛି ହଙ୍ଗାମା। ଷ୍ଟେଜ୍ ? ଉପରେ ଚେୟାର ବର୍ଷା କଲେ ଦର୍ଶକ। ଯେଉଁଥିପାଇଁ କିଛି ସମୟ ଯାତ୍ରା ବନ୍ଦ କରିବାକୁ ପଡିଥିଲା। ଏପରି ଚ଼ିତ୍ର ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳରେ ।ସୋର ବିଦୁଠାରେ ଖେଳୁଥିଲା 'ଯାତ୍ରା ସ୍ୱର୍ଣ୍ଣମହଲ'। ନାଟକ ଥିଲା "ସ୍ୱାମୀ ପାଇଁ ପଛେ ନର୍କକୁ ଯିବି"। ଏହି ନାଟକ ଦେଖିବା ପାଇଁ ଖଚ଼ାଖଚ଼୍ ? ଭିଡ ହୋଇଥିଲା। ମେଲୋଡି ଓ ରେକର୍ଡ ଡ୍ୟାନ୍ସ ପରେ ନିର୍ଦ୍ଧାରିତ ସମୟରେ ଆରମ୍ଭ ହୋଇଥିଲା ନାଟକ। ଯାତ୍ରା ପ୍ରେମୀ ନାଟକ ଭିତରେ ହଜି ଯାଇଥିଲେ ଓ ଭିଜି ଯାଇଥିଲା। ବାସ୍ ? ସେତିକି ବେଳେ ଶୁଭିଥିଲା ଦୁର୍ଦ୍ଧାନ୍ତ ଖଳନାୟକ ନବ ଘୋଷଙ୍କ ଗୁରୁ ଗମ୍ଭୀର କଣ୍ଠ ସ୍ୱର।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୫ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ

## ଆସନ୍ତାକାଲିଠୁ ବିଧାନସଭା: ପୁଳାପୁଳା ପ୍ରସଙ୍ଗ, ରଣନୀତି ତୟାର କଲେ ଶାସକ-ବିରୋଧୀ



ଭୁବନେଶ୍ୱର,୨୫।୧୧(ପି.ଏନ): ଆସନ୍ତାକାଲିଠୁ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେଉଛି । ଆଜି ସର୍ବଦଳୀୟ ବୈଠକ ଡାକି ବାଚ଼ସ୍ପତି ଗୃହ ସୁପରିଚ଼ାଳନା ପାଇଁ ସହଯୋଗ ଲୋଡିଥିବାବେଳେ ଉଭୟ ଶାସକ ଓ ବିରୋଧୀ ଭିନ୍ନ ଭିନ୍ନ ଭାବେ ବୈଠକ କରି ନିଜର ରଣନୀତି ଚୂଡାନ୍ତ କରିଛନ୍ତି । ରାଜ୍ୟର ବିଜେପି ସରକାରଙ୍କୁ ଘେରିବା ପାଇଁ ବିରୋଧୀ ବିଜେଡି ଓ କଂଗ୍ରେସ ପୁଳାପୁଳା ପ୍ରସଙ୍ଗ ପ୍ରସ୍ତୁତ ସହ ଗୃହ ଭିତରେ ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ ନିମନ୍ତେ ରଣନୀତି ଚୂଡାନ୍ତ କରିଛନ୍ତି। ଆଉ ଶାସକ ଦଳ ମଧ୍ୟ ନିଜ ସରକାରର ୫ ମାସର ଉପଲବ୍ଧିକୁ ରଖିବା ସହ ପୂର୍ବ ସରକାରର କଳାକାରନାମାକୁ ଉଜାଗର କରି ଗୃହ ଭିତରେ ବିରୋଧୀ ଦଳକୁ ଘେରିବା ପାଇଁ ଯୋଜନା କରିଥିବା ଜଣାପଡିଛି ।ବିଧାନସଭା ସଚ଼ିବାଳୟରୁ ମିଳିଥିବା ସୂଚ଼ନା ଅନୁସାରେ, ଆସନ୍ତାକାଲି ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ୬ ଜଣ ଦିବଂଗତ ସଦସ୍ୟଙ୍କ ସମ୍ମାନରେ ଶୋକପ୍ରସ୍ତାବ ପାରିତ ହେବ। ଏହାପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚ଼ାଲିବ। ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚ଼ରଣ ମାଝୀ ଓଡିଶା ଜିଏସଟି(ଦ୍ୱିତୀୟ ସଂଶୋଧନ) ଅଧ୍ୟାଦେଶ-୨୦୨୪କୁ ଗୃହରେ ଉପସ୍ଥାପନ କରିବେ। ଦ୍ୱିତୀୟାର୍ଦ୍ଧରେ ଗୃହରେ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଗତ କରିବାର କାର୍ଯ୍ୟକ୍ରମ ରହିଛି ।

## ଡିଜି କନଫରେନ୍ସରେ ସାମିଲ ହେବେ ପ୍ରଧାନମନ୍ତ୍ରୀ , ଓଡିଶାରେ ୩ ଦିନ ରହଣୀ



ଭୁବନେଶ୍ୱର,୨୫।୧୧(ପି.ଏନ): ନଭେମ୍ବର ୨୯ରେ ଓଡିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଡିଜି କନଫରେନ୍ସକୁ ଆସି ପ୍ରଧାନମନ୍ତ୍ରୀ ୩ ଦିନ ଓଡିଶାରେ ରହିବେ । ଏ ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚ଼ନ୍ଦନ ସୂଚ଼ନା ଦେଇଛନ୍ତି । ୨୯ରେ ଓଡିଶାରେ ପହଞ୍ଚି ୩୦ ଓ ୧ ତାରିଖରେ କନଫରେନ୍ସରେ ଯୋଗଦେବେ । ମୋଦିଙ୍କ ଓଡିଶା ଗସ୍ତ ନେଇ ରବିବାର ପ୍ରତିକ୍ରିୟା ରଖିଥିଲେ ରାଜ୍ୟ ଭାଜପା ଦଳ ସଭାପତି ମନମୋହନ ସାମଲ । ସେ କହିଥିଲେ ଯେ, ଆସନ୍ତା ୨ ମାସ ଭିତରେ ପ୍ରଧାନମନ୍ତ୍ରୀ ୩ ଥର ଓଡିଶା ଗସ୍ତ କରିବେ । ସରକାରଙ୍କ ଏକାଧିକ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ରହଣୀ କାର୍ଯ୍ୟକ୍ରମ ଥିବା ସେ ଗଣମାଧ୍ୟମକୁ ଜଣାଇଥିଲେ ।

## ସୁପ୍ରିମକୋର୍ଟଙ୍କ ବଡ଼ ରାୟ; ସମ୍ବିଧାନରୁ ହଟିବନି 'ସମାଜବାଦୀ' ଓ 'ଧର୍ମନିରପେକ୍ଷ' ଶବ୍ଦ



ଭୁବନେଶ୍ୱର,୨୫।୧୧(ପି.ଏନ): ସମ୍ବିଧାନର ପ୍ରସ୍ତାବନାରୁ 'ସମାଜବାଦୀ' ଓ 'ଧର୍ମନିରପେକ୍ଷ' ଶବ୍ଦ ହଟାଇବା ପାଇଁ ହୋଇଥିବା ଆବେଦନକୁ ଆଜି ଖାରଜ କରିଦେଇଛନ୍ତି ସୁପ୍ରିମକୋର୍ଟ। ପ୍ରଧାନ ବିଚ଼ାରପତି ଜଷ୍ଟିସ ସଂଜୀବ ଖାନ୍ନା ଓ ଜଷ୍ଟିସ ପିଭି ସଂଜୟ କୁମାରଙ୍କୁ ନେଇ ଗଠତ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରି ଏହାକୁ ଖାରଜ କରିଦେଇଛନ୍ତି ।ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ସମୟରେ ୧୯୭୬ ମସିହାରେ ସମ୍ବିଧାନ ସଂଶୋଧନ ଜରିଆରେ ଏଥିରେ 'ସମାଜବାଦୀ', 'ଧର୍ମନିରପେକ୍ଷ' ଓ 'ଅଖଣ୍ଡତା' ଶବ୍ଦକୁ ଯୋଡ଼ାଯାଇଥିଲା। ହେଲେ 'ସମାଜବାଦୀ' ଓ 'ଧର୍ମନିରପେକ୍ଷ' ଶବ୍ଦ ହଟାଇବାକୁ ନିକଟରେ ସୁପ୍ରିମକୋର୍ଟରେ ପିଟିସନ ଦାଖଲ କରିଥିଲେ ବିଜେପିର ପୂର୍ବତନ ରାଜ୍ୟସଭା ସାଂସଦ ସୁବ୍ରମଣ୍ୟନ ସ୍ୱାମୀ, ସମାଜ ସେବୀ ବଳରାମ ସିଂହ ଓ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ। ଶୁକ୍ରବାର ଏହି ମାମଲା ଉପରେ ରାୟ ସଂରକ୍ଷିତ ରଖିଥିଲେ ସୁପ୍ରିମକୋର୍ଟ। ହେଲେ ଆଜି ଏହି ପିଟିସନ ଗୁଡ଼ିକୁ ଖାରଜ କରି ଏତେ ବର୍ଷ ପରେ କାହିଁକି ଏହି ମାମଲାକୁ ଗୁରୁତ୍ୱ ଦେବାକୁ ଚେଷ୍ଟା କରାଯାଉଛି ବୋଲି ପ୍ରଧାନ ବିଚ଼ାରପତି ଜଷ୍ଟିସ ସଂଜୀବ ଖାନ୍ନା ପ୍ରଶ୍ନ କରିଛନ୍ତି।

## ଦେହ ବ୍ୟବସାୟର କିଙ୍ଗପିନକୁ ଧରିବାକୁ ରାଜଧାନୀରେ ରେଡ ଜାରି




ଭୁବନେଶ୍ୱର,୨୫।୧୧(ପି.ଏନ): ବାଙ୍ଗଲାଦେଶୀ ନାବାଳିକା ଘଟଣା ରାଜ୍ୟରେ ହଇଚ଼ଇ ସୃଷ୍ଟି କରିଛି । ନିଦରୁ ଉଠିଛି ପୋଲିସ । ମାମଲାରେ ଗତକାଲି କଟକର ଦଲାଲ ଦମ୍ପତିଙ୍କୁ ଗିରଫ କରିବା ସହ ସେମାନଙ୍କ ସୂଚ଼ନା ଆଧାରରେ ଆଜି ରାଜଧାନୀର ୧୦ ସ୍ଥାନରେ ଚ଼ଢାଉ ଚ଼ଳାଇଛି ପୋଲିସ । ଏହି କଳା କାରନାମାର ମାଷ୍ଟର ମାଇଣ୍ଡ ଭୁବନେଶ୍ୱରରେ ଥିବା ଦଲାଲ ଦମ୍ପତି ସୂଚ଼ନା ଦେଇଥିଲେ ପୋଲିସକୁ ।ଦଲାଲ ଦମ୍ପତିଙ୍କ ଠାରୁ ପୋଲିସ ଦେହ ବ୍ୟବସାୟର ମାଷ୍ଟର ମାଇଣ୍ଡ ଭୁବନେଶ୍ୱରେ ଥିବା ଜାଣିଛି । ତାକୁ ଧରିବାକୁ ରାଜଧାନୀର ବିଭିନ୍ନ ସ୍ଥାନରେ ଚ଼ଢାଉ କରୁଛି ପୋଲିସ । ମୁଖ୍ୟତଃ ନାବାଳିକାକୁ ପଠାଯାଉଥିବା ବିଭିନ୍ନ ହୋଟେଲ, ଲଜ ଉପରେ ଚ଼ଢାଉ ଚ଼ାଲିଛି । ମାଷ୍ଟର ମାଇଣ୍ଡ ଧରା ପଡିବା ପରେ ଅନେକ ଗୁମର ଉପରୁ ପରଦା ଉଠିବ ବୋଲି ଆଶାକରୁଛି ପୋଲିସ । ଏପରି କରି ପୋଲିସ ନିଜ ଦେହରେ ଲାଗିଥିବା କଳଙ୍କ ଧୋଇବାକୁ ମଧ୍ୟ ଚେଷ୍ଟା କରୁଛି ।ନାବାଳିକାଠାରୁ ପୋଲିସ ଜାଣିବାକୁ ପାଇଛି କି, ବାଙ୍ଗଲାଦେଶରୁ ନାବାଳିକା ଓ ଯୁବତୀଙ୍କୁ ଚ଼ାକିରିର ଲୋଭ ଦେଖାଇ ପଶ୍ଚିମ ବଙ୍ଗ ଦେଇ ଓଡିଶା ଆଣାଯାଉଥିଲା । ଏହା ଭିତରେ ପୋଲିସ ମଧ୍ୟ ୨୦ରୁ ଅଧିକ ବାଙ୍ଗଲାଦେଶୀ ଦେହଜୀବୀଙ୍କୁ ଉଦ୍ଧାର କରିସାରିଛି । ରାଜ୍ୟରେ ଏହି କାମ ବେଧଡକ ଚ଼ାଲିଥିବା ବେଳେ ପୋଲିସ ନିଦରେ ଶୋଇଥିବା କଥା ପଦାକୁ ଆସିଛି । ତେବେ ଏହି ପ୍ରସଙ୍ଗକୁ ନେଇ ପୋଲିସ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ ହେବା ଆଗରୁ ପୋଲିସ ନିଜ ପାରିଲା ପଣିଆ ପ୍ରତିପାଦନ କରିବାକୁ ଚେଷ୍ଟା କରୁଛି ।

## ଅଳିଆ ପାଲଟିଲାଣି ସୋସିଆଲ ମିଡିଆ, ବହୁଳ ଅପବ୍ୟବହାର ନେଇ ଅଭିଯୋଗ

ଭୁବନେଶ୍ୱର,୨୫।୧୧(ପି.ଏନ): ଆଜିକାଲି ସୋସିଆଲ ମିଡିଆର ବହୁଳ ଅପବ୍ୟବହାର ହେଉଛି । ଏହି କଥା କହିଛନ୍ତି ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚ଼ାରପତି ଡି.ୱାଇ ଚ଼ନ୍ଦ୍ରଚୂଡ଼ । କୋର୍ଟରେ ବିଚ଼ାରାଧୀନ ମାମଲାରେ ବିଚ଼ାରପତିଙ୍କ ଉପରେ ଟିକା ଟିପ୍ପଣୀ କରି ଚ଼ାପ ପ୍ରୟୋଗ କରିବାର ଅପଚେଷ୍ଟା କରାଯାଉଛି । ବାକ୍ ସ୍ୱାଧୀନତାର ଦ୍ୱାହି ଦେଇ ସମାଜର କିଛି ପ୍ରେସର ଗ୍ରୁପ ଲୋକଙ୍କ ମନରେ ନ୍ୟାୟାଳୟ ପ୍ରତି ୨୦ ସେକେଣ୍ଡ ଭିତରେ ଏକ ଭୁଲ ଧାରଣା ସୃଷ୍ଟି କରିବାକୁ ଅପଚେଷ୍ଟା କରୁଛନ୍ତି । ଏଥିରେ କୋର୍ଟ ପ୍ରଭାବିତ ହେବା ଉଚ଼ିତ ନୁହଁ । ପୂର୍ବତନ ବିଚ଼ାରପତିଙ୍କ ମତ ସହିତ ଏକମତ ହୋଇଛନ୍ତି ଆଇନଜୀବୀ । ସରକାର ସୋସିଆଲ ମିଡିଆ କଣ୍ଟେଣ୍ଟ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଆଇନ ଆଣିବାକୁ ମତ ପ୍ରକାଶ ପାଇଛି ।ଅଳିଆ ପାଲଟିଲାଣି ସୋସିଆଲ ମିଡିଆ । ୟୁ ଟ୍ୟୁବ୍ ହେଉ କି ଅନ୍ୟ ପ୍ଲାଟଫର୍ମ । ପ୍ରତି ପ୍ରସଙ୍ଗରେ ଦିଆଯାଉଛି ନିର୍ଦ୍ଦେଶ ଶୁଣାଯାଉଛି ନିଷ୍ପତ୍ତି । ୨୦ ସେକେଣ୍ଡରେ ବିଭ୍ରାନ୍ତ ହେଉଛନ୍ତି ଲୋକ । ଏପରିକି କୋର୍ଟରେ ବିଚ଼ାରାଧୀନ ମାମଲା ଉପରେ ସୋସିଆଲ ମିଡିଆରେ ଟିକା ଟିପ୍ପଣୀ ବଡ଼ ଚ଼ାଲେଞ୍ଜ ସୃଷ୍ଟି କଲାଣି । ସୁପ୍ରିମ୍‌କୋର୍ଟରୁ ନିକଟରେ ଅବସର ନେଇଥିବା ପ୍ରଧାନ ବିଚ଼ାରପତି ଜଷ୍ଟିସ ଡି.ୱାଇ ଚ଼ନ୍ଦ୍ରଚୂଡ଼ଙ୍କ ଏପରି ମତ ଏବେ ନୂଆ ବିତର୍କ ସୃଷ୍ଟି କରିଛି । ଜଷ୍ଟିସ ଚ଼ନ୍ଦ୍ରଚୂଡ଼ଙ୍କ ଏପରି ଟିପ୍ପଣୀକୁ ଆଇନଜୀବୀ ମହଲ ସ୍ୱାଗତ କରିଛି । କୌଣସି ମାମଲାରେ ଅନୁସନ୍ଧାନ ଚ଼ାଲିଥିବାବେଳେ ଗଣମାଧ୍ୟମ ହେଉକି ସୋସିଆଲ ମିଡିଆରେ ବ୍ୟାପକ ଚ଼ର୍ଚ୍ଚା ଆଲୋଚ଼ନା ହେଉଛି । ନିୟମ ଅଛି କୌଣସି ମାମଲା କୋର୍ଟକୁ ଗଲା ପରେ ତା ଉପରେ କୋର୍ଟ ବାହାରେ କୌଣସି ଟିପ୍ପଣୀ ଦେବା କଥା ନୁହଁ । କିନ୍ତୁ ବାକ୍ ସ୍ୱାଧୀନତାର ବ୍ୟାପକ ଅପବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି । ସାମାଜିକ ଗଣମାଧ୍ୟମରେ ବିଚ଼ାରପତିଙ୍କ ସମ୍ପର୍କରେ ମଧ୍ୟ ଟିକା ଟିପ୍ପଣୀ ଦେବାକୁ କିଛି ବ୍ୟକ୍ତି ଭୁଲୁନାହାନ୍ତି । ଜଷ୍ଟିସ୍ ଚ଼ନ୍ଦ୍ରଚୂଡ଼ ତାଙ୍କର ଦୀର୍ଘ ଅନୁଭୁତିରୁ ଏପରି କହିଛନ୍ତି । କିଛି ବ୍ୟକ୍ତି ଚ଼ାପ ପ୍ରୟୋଗ କଲାଭଳି ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରି ଲୋକଙ୍କ ମନରେ ନ୍ୟାୟାଳୟ ପ୍ରତି ଭୁଲ ଧାରଣା ସୃଷ୍ଟି କରିବାକୁ ହୀନ ଉଦ୍ୟମ କରୁଛନ୍ତି ।ଗଣତନ୍ତ୍ରରେ ବ୍ୟକ୍ତିଗତ ଅଭିବ୍ୟକ୍ତି ପ୍ରକାଶ କରିବାର ଅଧିକାର ସମସ୍ତଙ୍କର ରହିଛି । କିନ୍ତୁ ତାହା ଲକ୍ଷ୍ମଣରେଖା ଭିତରେ ରହିବା ଆବଶ୍ୟକ । ଯେହେତୁ ସୋସିଆଲ୍ ମିଡିଆ ଉପରେ ଅଙ୍କୁଶ ଲଗାଇବାକୁ କିଛି ଏସ୍‌ଓପି ଲାଗୁ ହେଉନି । ଏହାର ଫାଇଦା ଉଠାଉଛନ୍ତି କିଛି ଗୋଷ୍ଠୀ । ଜଷ୍ଟିସ୍ ଚ଼ନ୍ଦ୍ରଚୂଡ଼ଙ୍କ ଅନୁଶୀଳନ ଏବେ ନୂଆ ବିତର୍କ ସୃଷ୍ଟି କରିଛି । ବାକ୍ ସ୍ୱାଧୀନତା କେତେ ପର୍ଯ୍ୟନ୍ତ କାହାକୁ ମିଳିବା ଦରକାର । ତା ଉପରେ ବିସ୍ତୃତ ତର୍ଜମା ହେବା ଦରକାର । ଖାଲି ସେତିକି ନୁହେଁ, ଅପରାଧର ଶିକାର ହୋଇଥିବା ପୀଡ଼ିତାର ମନୋବଳ ମଧ୍ୟ ମିଡିଆ ଟ୍ରାଏଲର ଶିକାର ହେଉଛି । କୋର୍ଟରେ ବୟାନ ରଖିବା ବେଳେ ମଧ୍ୟ ତାଳମେଳ ରହୁନି । ବୟାନ ବଦଳୁଥିବାରୁ ଅଭିଯୁକ୍ତ ମଧ୍ୟ ଅନେକ ମାମଲାରେ ଦଣ୍ଡିତ ହୋଇପାରୁନି । ଏବେ ସମୟ ଆସିଛି ସୋସିଆଲ ମିଡିଆକୁ ନିୟନ୍ତ୍ରଣ କରିବା ପାଇଁ ସରକାର ସ୍ୱତନ୍ତ୍ର ଆଇନ ଆଣିବା ଦରକାର ।ଜଷ୍ଟିସ ଚ଼ନ୍ଦ୍ରଚୂଡ଼ଙ୍କ ଭାଷାରେ ନୀତି ନିର୍ଦ୍ଧାରଣ କରିବା ବ୍ୟବସ୍ଥାପିକା ସଭାର କାର୍ଯ୍ୟ । କିନ୍ତୁ ପାରିତ ହୋଇଥିବା ଆଇନଟି ସମ୍ବିଧାନ ସମ୍ମତ କି ନାହିଁ ତାକୁ ତର୍ଜମା କରିବା ଅଧିକାର ବିଚ଼ାରାଳୟର ରହିଛି ।

## ଆଦାନୀ ଗ୍ରୁପ୍ ଦାନକୁ ବି ନା; ୧୦୦ କୋଟି ଟଙ୍କା ଫେରାଇବେ ତେଲାଙ୍ଗାନା ସରକାର

ଭୁବନେଶ୍ୱର,୨୫।୧୧(ପିଏନ):ଆମେରିକାର କୋର୍ଟ ଗୌତମ ଆଦାନୀଙ୍କ ବିରୁଦ୍ଧରେ ଗିରଫ ୱାରେଣ୍ଟ ଜାରି କରିବା ପରେ ଆଦାନୀ ଗ୍ରୁପର ଦାନ ନେବାକୁ ବି ମନା କରିଦେଇଛନ୍ତି ତେଲାଙ୍ଗାନାର କଂଗ୍ରେସ ସରକାର। ୟଙ୍ଗ ଇଣ୍ଡିଆ ସ୍କିଲ୍ସ ୟୁନିଭରସିଟି ପାଇଁ ଆଦାନୀ ଗ୍ରୁପ୍ ଦେଇଥିବା ୧୦୦କୋଟି ଟଙ୍କାର ଅନୁଦାନକୁ ଫେରାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି ରେଭନ୍ତ ରେଡ୍ଡୀ ସରକାର ।ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ କହିଛନ୍ତି, ଏହି ଦାନ ଗ୍ରହଣ କରାଯିବ ନାହିଁ। ଏଥିପାଇଁ ଆଦାନୀ ଗ୍ରୁପକୁ ଏକ ଚ଼ିଠି ଲେଖି ଜଣାଇ ଦିଆଯାଇଛି। ଆମେ ଆଦାନୀ ଗ୍ରୁପକୁ ଏକ ଚ଼ିଠି ଲେଖି କହିଛୁ ଯେ ରାଜ୍ୟ ସରକାର ଆଦାନୀ ଗ୍ରୁପ୍ ଦେଇଥିବା ୧୦୦ କୋଟି ଟଙ୍କାର ଅନୁଦାନ ଗ୍ରହଣ କରିବେ ନାହିଁ ।ସେ ଆହୁରି କହିଛନ୍ତି ଯେ, ୟଙ୍ଗ ଇଣ୍ଡିଆ ସ୍କିଲ୍ସ ୟୁନିଭରସିଟି ପାଇଁ ଅନେକ କମ୍ପାନୀ ଦାନ କରିଛନ୍ତି। କିନ୍ତୁ ସରକାର ନିଶ୍ଚିତ କରିବାକୁ ଚ଼ାହୁଁଛନ୍ତି ଯେ ଅନୁଦାନର ଉତ୍ସ ନୈତିକ ଏବଂ ସ୍ୱଚ଼୍ଛ ହେବା ଦରକାର। ବିବାଦୀୟ ବ୍ୟକ୍ତିବିଶେଷ କିମ୍ବା ଗୋଷ୍ଠୀରୁ ଟଙ୍କା ଗ୍ରହଣ କରିବା ରାଜ୍ୟ ନୀତି ବିରୁଦ୍ଧ ବୋଲି ତେଲାଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ କହିଛନ୍ତି ।ଆମେରିକା କୋର୍ଟ ଗୌତମ ଆଦାନୀ, ତାଙ୍କ ପୁତୁରା ସାଗର ଆଦାନୀଙ୍କ ସମେତ ସାତ ଜଣଙ୍କ ବିରୁଦ୍ଧରେ ଗିରଫ ୱାରେଣ୍ଟ ଜାରି କରିବା ପରେ ତେଲେଙ୍ଗାନା ସରକାର ଏପରି ନିଷ୍ପତ୍ତି ନେଇଛନ୍ତି।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟି କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୁଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେଙ୍ଗିସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା’ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର । ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡ୍ରୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡ଼ି ଚଢ଼ିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# କେନ୍ଦ୍ରାପଡ଼ାର ରାଜନୀତିକ ଦୃଶ୍ୟ !

ଶରତ କୁମାର ରାଉତ

ସାମ୍ପ୍ରତିକ ରାଜନୀତିରେ ନେତାଙ୍କୁ ଚିହ୍ନିବା ସହଜ ନୁହେଁ। ସାଧାରଣତଃ ତୃଣମୂଳ ସ୍ତରରେ ଲୋକଙ୍କ ସେବା କରି, ଲୋକଙ୍କ ସୁଖ-ଦୁଃଖରେ ଏକାକାର ହୋଇ ନେତା ପାଲଟି ଥିବା ବ୍ୟକ୍ତି ହିଁ ବାସ୍ତବ କ୍ଷେତ୍ରରେ ଲୋକପ୍ରତିନିଧି ହେବାକୁ ଯୋଗ୍ୟ ହୋଇ ଥାଏ। ଲୋକେ ରାଜନେତାଙ୍କ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ନେତାଙ୍କ ମିଥ୍ୟା ପ୍ରତିଶ୍ରୁତି ଓ କପୋଳକଳ୍ପିତ କଥାରେ ସାଧାରଣ ଲୋକଙ୍କ ସମର୍ଥନ ମିଳେନାହିଁ। ବିକାଶମୂଳକ କାର୍ଯ୍ୟ ଏବଂ ସାଧାରଣ ଲୋକ ମାନଙ୍କର ମଙ୍ଗଳ ପାଇଁ ନିଷ୍ଠାପର କାର୍ଯ୍ୟ କରି ଚାଲିଲେ, ଯିଏ କେହି ଲୋକଙ୍କ ବିଶ୍ୱାସଭାଜନ ହୋଇଥାଏ। ସାଧାରଣତଃ କୁହାଯାଇଥାଏ, ଭାରତୀୟ ଗଣତନ୍ତ୍ରର ମନ୍ଦିର ଗୁଡ଼ିକୁ ଆମେ ଗଣତାନ୍ତ୍ରିକ ସଂସ୍କାର ଥିବା ଓ ସଂସଦ ବା ବିଧାନସଭାରେ ଲୋକଙ୍କ ଆଶା-ଆକାଂକ୍ଷା, ସୁଖ-ଦୁଃଖ ଏବଂ ଦୃଷ୍ଟିକୋଣକୁ ଗଣତାନ୍ତ୍ରିକ ଢ଼ଙ୍ଗରେ ଉପସ୍ଥାପିତ କରିପାରୁଥିବା ବ୍ୟକ୍ତିମାନଙ୍କୁ ନିର୍ବାଚିତ କରି ପଠାଇବା ଉଚିତ। କାରଣ ସେମାନେ ଆମର ପ୍ରତିନିଧି, ପ୍ରବକ୍ତା ଓ ସୁଖ-ଦୁଃଖର ସାଥୀ ମଧ୍ୟ। ଯେତେବେଳେ ସୁଯୋଗ୍ୟ ନେତାମାନେ ସଂସଦ ବା ବିଧାନସଭାକୁ ନିର୍ବାଚିତ ହୁଅନ୍ତି, ସେତେବେଳେ ସଂପୃକ୍ତ ଅଂଚଳ ତଥା ସାଧାରଣ ଲୋକଙ୍କ ଉନ୍ନତି ହେବା ସହ ସେହି ନେତା ନିଜ ନିର୍ବାଚନ କ୍ଷେତ୍ରରେ ଅପରାଜେୟ ହୋଇଯାଆନ୍ତି। ସମସ୍ତ ରେକର୍ଡ଼ ଭାଙ୍ଗି ରାଜ୍ୟ ଓ ଦେଶରେ ଇତିହାସ ସୃଷ୍ଟି କରନ୍ତି ! ଚିରଦିନ ପାଇଁ ଲୋକମାନଙ୍କ ମନରେ ସେମାନେ ସ୍ମରଣୀୟ ହୋଇ ରହନ୍ତି। ସେହିଭଳି ଜଣେ ନେତା ହେଲେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରର ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା। ଆମେରିକାରେ ପାଠପଢ଼ା ଶେଷ ପରେ ବୈଜୟନ୍ତବାବୁ ଶିଳ୍ପ କ୍ଷେତ୍ରରେ ନିଜର କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଧୀରେଧୀରେ ସେ ରାଜନୀତି ପ୍ରତି ଆକୃଷ୍ଟ ହୋଇଥିଲେ। ବୈଜୟନ୍ତବାବୁ ଜଣେ ପ୍ରଗତିଶୀଳ ମଣିଷ ଭାବେ ବିଭିନ୍ନ ସାମାଜିକ ଓ ଗଣ ଆନ୍ଦୋଳନ ସହିତ ନିଜକୁ ସାମିଲ କରିଛନ୍ତି। କେବଳ କେନ୍ଦ୍ରାପଡ଼ା କି ଓଡ଼ିଶା ନୁହେଁ, ଜାତୀୟ ରାଜନୀତି କ୍ଷେତ୍ରରେ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ଏପରିକି ଜଣେ ପ୍ରଚଣ୍ଡ ରାଜନୀତିକ ଜ୍ଞାନର ଅଧିକାରୀ ତଥା ଅଭିଜ୍ଞ ସାଂସଦ ଭାବେ ତାଙ୍କର ରାଜନୀତିକ ଓ ସଂସଦୀୟ କାର୍ଯ୍ୟଦକ୍ଷତା ତାଙ୍କୁ ଆପେ ଜାତୀୟ ରାଜନୀତି ମଂଚରେ ଛିଡ଼ା କରି ଦେଇଛି। ୨୦୦୦ ଓ ୨୦୦୬ ମସିହାରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ବିଜେଡ଼ି ରାଜ୍ୟସଭା ସଂସଦୀୟ ଦଳର ନେତା ପଦରେ ଅଧିଷ୍ଠିତ ହୋଇଥିଲେ। ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ସେ ବିଜେଡ଼ି ଟିକଟରେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରରୁ ନିର୍ବାଚିତ ହୋଇ ବିଭିନ୍ନ ସଂସଦୀୟ କମିଟିର ଜଣେ ପ୍ରମୁଖ ସଦସ୍ୟ ଭାବେ ନିଜର ଦାୟିତ୍ୱ ସଫଳତାର ସହ ତୁଲାଇଥିଲେ।

ସଂସଦ ଅଧିବେଶନରେ ବୈଜୟନ୍ତ ବାବୁଙ୍କର କାର୍ଯ୍ୟଶୈଳୀ, ପ୍ରଭାବୀ ବକ୍ତୃତା ଓ ଜାତୀୟ ସ୍ତରୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ ତଥା ସଂସଦ ବାହାରେ, ନିଜ ରାଜ୍ୟରେ ଓ ନିଜ ନିର୍ବାଚନ ମଣ୍ଡଳୀରେ ତାଙ୍କର ଲୋକାଭିମୁଖୀ କାର୍ଯ୍ୟ ଅଦ୍ୱିତୀୟ। ସଂସଦ ଅଧିବେଶନରେ ପ୍ରଶ୍ନ-ଉତର, ବଜେଟ୍, ବିଧେୟକ, ଧ୍ୟାନାକର୍ଷଣ, ସ୍ଥଗନ, ଚର୍ଚ୍ଚା ଭଳି ମହତ୍ୱପୂର୍ଣ୍ଣ ଆଲୋଚନାରେ ବୈଜୟନ୍ତବାବୁ ଉପସ୍ଥିତ ରହି ସବୁଥିରେ ସକ୍ରିୟ ଅଂଶ ଗ୍ରହଣ କରନ୍ତି। ଦେଶରେ ଦାରିଦ୍ର୍ୟ, ଅନାହାର, ପୁଷ୍ଟିହୀନତା, ମାତୃ ଓ ଶିଶୁମୃତ୍ୟୁ, ଦାଦନ ଭଳି ବିଭିନ୍ନ ସାମାଜିକ ଓ ପ୍ରଶାସନିକ ସମସ୍ୟା ସମାଧାନ ପାଇଁ ସେ ନିୟମିତ କାର୍ଯ୍ୟ କରି ଆସିଛନ୍ତି। ଏଥିପାଇଁ ମଧ୍ୟ ସେ ସଂସଦରେ ଅନେକ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଛନ୍ତି। ୨୦୧୧ରେ ବୈଜୟନ୍ତବାବୁଙ୍କ ସମେତ ଏକ ଉଚ୍ଚସ୍ତରୀୟ ଯୁବ ସଂସଦୀୟ ଦଳ "ସିଟିଜେନ୍ସ ଆଲିଆନ୍ସ ଏଗ୍‌ନେଷ୍ଟ ମାଲ୍‌ନ୍ୟୁଟ୍ରିସନ୍" ଶିଶୁ ପୁଷ୍ଟିହୀନତାର କାରଣ ସଂପର୍କରେ ସାରା ଭାରତରେ ବୁଲି ମା', ଶିଶୁ, ଅଙ୍ଗନୱାଡ଼ୀ କର୍ମୀ ଓ ସରକାରୀ କର୍ମକର୍ତାଙ୍କୁ ଭେଟିଥିଲେ। ଏହି ଦଳ ୧ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁ ଓ ୭୪ ହଜାରରୁ ଊର୍ଦ୍ଧ୍ୱ ମା'ଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଏହା ଦେଶର ସବୁଠୁ ବଡ଼ ପୁଷ୍ଟିହୀନତା ସର୍ଭେ ଥିଲା। ୨୦୧୩ରେ ରାଜନୀତିକ ବ୍ୟକ୍ତିଙ୍କ ବିରୁଦ୍ଧରେ ଥିବା ଅପରାଧିକ ମାମଲାର ବିଚାର ପାଇଁ ସ୍ପେଶିଆଲ୍ ଫାଷ୍ଟ ଟ୍ରାକ୍ କୋର୍ଟ ସ୍ଥାପନ ପାଇଁ, ୨୦୧୩ରେ ରାଜନୀତିରେ ଅପରାଧୀକରଣ ନିୟନ୍ତ୍ରଣ ପାଇଁ, ୨୦୧୪ରେ ଜଣେ ବ୍ୟକ୍ତି ଏକସମୟରେ ସଂସଦୀୟ କ୍ଷେତ୍ର ଓ ବିଧାନସଭା କ୍ଷେତ୍ର ଉଭୟରୁ ନିର୍ବାଚିତ ହୋଇ ପରେ ଯେଉଁ ଆସନରୁ ଇସ୍ତଫା ଦେବେ, ସେଠାରେ ଦ୍ୱିତୀୟ ସ୍ଥାନ ଦଖଲ କରିଥିବା ପରାଜିତ ପ୍ରାର୍ଥୀଙ୍କୁ ନିର୍ବାଚିତ ଘୋଷିତ କରିବାକୁ ସଂସଦରେ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଥିଲେ।

ସୂଚନାଯୋଗ୍ୟ ଯେ, ୨୦୧୮ ଜାନୁୟାରୀ ୨୪ ତାରିଖରେ ତାଙ୍କୁ ବିଜେଡ଼ିର ପ୍ରାଥମିକ ସଭ୍ୟ ପଦରୁ ନିଲମ୍ବନ କରାଯାଇଥିଲା, ଯାହାକୁ କେନ୍ଦ୍ରାପଡ଼ାର ସଚେତନଶୀଳ ନାଗରିକମାନେ ଗ୍ରହଣ କରିପାରି ନ ଥିଲେ। ତା.୨୮.୦୫. ୨୦୧୮ରିଖରେ ବିଭିନ୍ନ କାରଣ ଦର୍ଶାଇ ବୈଜୟନ୍ତବାବୁ ବିଜେଡ଼ିରୁ ଇସ୍ତଫା ଦେଇଥିଲେ ଓ ତା.୧୨.୦୬.୨୦୧୮ ରିଖରେ ଲୋକସଭା ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ। ତେବେ ୨୦୧୯ ମାର୍ଚ୍ଚ ୪ ତାରିଖରେ ସେ ବିଜେପିରେ ଯୋଗ ଦେଇଥିଲେ। ଏହାର ମାତ୍ର ଚାରିଦିନ ପରେ ମାର୍ଚ୍ଚ ୮ ତାରିଖରେ ତାଙ୍କୁ ଅତି ଗୁରୁତ୍ୱପୂର୍ଣ୍ଣ ବିଜେପି ଜାତୀୟ ଉପ-ସଭାପତି ତଥା ମୁଖପାତ୍ର ପଦରେ ଅବସ୍ଥାପିତ କରାଯାଇଥିଲା। ବୈଜୟନ୍ତବାବୁ ଯେପରି ସ୍ଥାନୀୟ ସମସ୍ୟାକୁ ଗୁରୁତ୍ୱ ଦେଇ ଉନ୍ନୟନ କାର୍ଯ୍ୟକୁ ଆଗେଇ ନେଇଥା'ନ୍ତି ଓ ଲୋକଙ୍କୁ ଭଲ ପାଆନ୍ତି, ପୂର୍ବର କୌଣସି ସାଂସଦଙ୍କଠାରେ ତାହା ଦେଖାଯାଇ ନ ଥିଲା। ବାସ୍ତବରେ ସାଧାରଣ ଲୋକଙ୍କ ପାଇଁ ଉନ୍ନୟନ କାର୍ଯ୍ୟରେ ନିଜକୁ ସଂପୂର୍ଣ୍ଣ ଭାବେ ଉତ୍ସର୍ଗ କରିଥିଲେ ବୈଜୟନ୍ତବାବୁ। ତେବେ ବୈଜୟନ୍ତବାବୁ ୨୦୧୯ ଲୋକସଭା ନିର୍ବାଚନରେ କେନ୍ଦ୍ରାପଡ଼ା ଆସନରେ ତୃତୀୟ ଥର ପାଇଁ ବିଜେପି ଟିକଟରେ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ନିର୍ବାଚନରେ ବିଜେଡ଼ିର ଅନୁଭବ ମହାନ୍ତି ୬,୨୮,୯୩୯ ଖଣ୍ଡ ଭୋଟ ପାଇଥିଲାବେଳେ ବିଜେପିର ବୈଜୟନ୍ତ ପଣ୍ଡା ୪,୪୭,୪୫୬ ଖଣ୍ଡ ଭୋଟ ଏବଂ କଂଗ୍ରେସର ଧରଣୀଧର ନାୟକ ୧,୧୩,୮୪୧ ଖଣ୍ଡ ଭୋଟ୍ ପାଇଥିଲେ। ତେବେ ବିଜେଡ଼ିର ଅନୁଭବ ମହାନ୍ତି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବୈଜୟନ୍ତବାବୁଙ୍କୁ ୧,୮୧,୪୮୩ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ଏଠାରେ ପ୍ରଶ୍ନ ଉଠିପାରେ ଯେ, କେନ୍ଦ୍ରାପଡ଼ାର ବିକାଶ ପାଇଁ ବୈଜୟନ୍ତ ବାବୁ ଅନେକ ଉନ୍ନୟନ କାର୍ଯ୍ୟ କରିବା ସହ ବହୁ ଉନ୍ନୟନ ଯୋଜନା ହାତକୁ ନେଇଥିଲେ ହେଁ ମତଦାତାମାନେ ତାଙ୍କୁ ପ୍ରତ୍ୟାଖ୍ୟାନ କଲେ କାହିଁକି ? ତେବେ ମୁଖ୍ୟତଃ ଦୁଇଟି କାରଣ ପାଇଁ ବୈଜୟନ୍ତବାବୁ ପରାଜିତ ହେଲେ ବୋଲି ରାଜନୀତିକ ସମୀକ୍ଷକମାନେ ମତ ଦେଇଥିଲେ।। ପ୍ରଥମତଃ ବିଜେପିରେ ମିଶିବା ତାଙ୍କ ପାଇଁ କାଳ ହେଲା। କାରଣ ଯେଉଁ ସଂଖ୍ୟାଲଘୁ ଭୋଟ୍, ପୂର୍ବରୁ ବୈଜୟନ୍ତବାବୁଙ୍କ ହାତମୁଠାରେ ଥିଲା, ସେ ବିଜେପିର ପ୍ରାର୍ଥୀ ହେବାପରେ ପ୍ରାୟତଃ ସବୁ ଭୋଟ ବିଜେଡ଼ି ହାତକୁ ଚାଲିଗଲା। ଦ୍ୱିତୀୟତଃ ବୈଜୟନ୍ତ ବାବୁଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଯୁବ ଗୋଷ୍ଠୀର ଭୋଟଗୁଡ଼ିକ ଅତି ସହଜରେ ବିଜେଡ଼ି ଅକ୍ତିଆରକୁ ଚାଲିଗଲା। ସେହିପରି ଭୋଟ ପରିଚାଳନା ବେଳେ ସେ ତାଙ୍କର ପୁରୁଣା ସମର୍ଥକ ଓ ଶୁଭେଚ୍ଛୁମାନଙ୍କୁ ଆଡ଼େଇଦେବା ଦେଖାଯାଇଥିଲା। ଅନ୍ୟପକ୍ଷରେ ବୈଜୟନ୍ତ ବାବୁଙ୍କ ପ୍ରାର୍ଥୀତ୍ୱ ଓ ନିର୍ବାଚନ ବିଜୟ ପାଇଁ ବିଜେପିର କେତେକ ଆଗଧାଡ଼ିର ନେତା ସେମିତି କିଛି ସହଯୋଗ ଦେଇନଥିବା ସେତେବେଳେ ମନେହୋଇଥିଲା ବୋଲି ରାଜନୀତିକ ସମୀକ୍ଷକମାନେ ମତ ଦେଇଥିଲେ। ମାତ୍ର ବିଜେଡ଼ି ପ୍ରାର୍ଥୀ ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କର ଅଭିନେତ୍ରୀ ସହଧର୍ମିଣୀ ବର୍ଷା ପ୍ରିୟଦର୍ଶିନୀ ନିଜର ଯଥେଷ୍ଟ ଉଦ୍ୟମ ବଳରେ ଯୁବଗୋଷ୍ଠୀକୁ ନିଜ ପକ୍ଷକୁ ଆଣିପାରିଥିଲେ। ଯେଉଁଥିପାଇଁ ବିଜେଡ଼ି ସହଜ ବିଜୟଲାଭ କରିଥିଲା।

ବାସ୍ତବତା ଦେଖାଗଲେ, ବୈଜୟନ୍ତ ପଣ୍ଡା ଜଣେ ଭିନ୍ନ ଚରିତ୍ରର ମଣିଷ। ସାଂସଦ ନଥାଇ ମଧ୍ୟ ସେ ସବୁବେଳେ କେନ୍ଦ୍ରାପଡ଼ା ଅଂଚଳରେ ରହି ଲୋକମାନଙ୍କ ସୁଖ-ଦୁଃଖରେ ଭାଗୀ ହେଉଥିବା ଦେଖାଯାଉଛି। ଦଳମତ ନିର୍ବିଶେଷରେ କେନ୍ଦ୍ରାପଡ଼ାର ସାଧାରଣ ମଣିଷକୁ ସେ ବନ୍ଧୁ ଭାବରେ ଗ୍ରହଣ କରିଥିବା ବେଳେ ତାଙ୍କ ପ୍ରତି ମଧ୍ୟ କେନ୍ଦ୍ରାପଡ଼ାବାସୀଙ୍କର ଏବେ ବି ଅକୁଣ୍ଠ ସମର୍ଥନ ରହିଛି।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ମୋ- ୯୩୩୭୩୬୯୪୪୮*

# ଦେଶ, ଜାତି ଧର୍ମ ଓ ଜାତିଗଣନା


ପୂର୍ଣଚନ୍ଦ୍ର ବହଳୀ

ଭାରତ ବର୍ଷ ଏକ ଧର୍ମ ନିରପେକ୍ଷ ଗଣତନ୍ତ୍ର ରାଷ୍ଟ୍ର । ତେବେ ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ବି ଧର୍ମ, ଗଣତନ୍ତ୍ର, ନିରପେକ୍ଷତା କଣ ସଠିକ ମାର୍ଗରେ ଚ଼ାଲିଛି । ଏହାକୁ ଆୟୁଧ କରି ରଜନୀତିକ ଦଳମାନେ ବଡ଼ ବଡ଼ କଥା କହୁଥିବା ବେଳେ କାର୍ଯ୍ୟ କ୍ଷେତ୍ରରେ ଏହାର ସ୍ୱରୂପକୁ କେଉଁ ସ୍ତରରେ ପହଞ୍ଚାଇଲେଣି ଓ ଏହାର ପରିଣତି କଣ ହେବ ତାହା କେବେ ଚ଼ିନ୍ତା କରୁଛନ୍ତି କି । ଦେଶ ଓ ଜାତିର ଉନ୍ନତି ପାଇଁ ସେବା ନାମରେ କ୍ଷମତା ଉପଭୋଗ କରୁଥିବା ଶାସକ ମାନେ ୭୫ ବର୍ଷ ଧରି କରୁଛନ୍ତି କଣ । କାହିଁକି ସବୁ ପ୍ରକାର ସଂରକ୍ଷଣ ସତ୍ୱେ ଅନୁନ୍ନତ ଶ୍ରେଣୀ ସଂଖ୍ୟାରେ ପରିବର୍ତ୍ତନ ହେଉନାହିଁ । ପିଛଡା ହେଉ ଦଳିତ ହେଉ ଏସ ଟି ହେଉ ଏସ ସି ହେଉ ଯଦି ସେମାନେ ଶୀର୍ଷ ସ୍ତରରେ ପହଂଚ଼ି ପାରୁନାହାନ୍ତି ଦାୟୀ କିଏ । ସେମାନଙ୍କ ପାରିପାର୍ଶ୍ୱିକ ଅବସ୍ଥା, ଅର୍ଥାଭାବ, ମାନସିକତା,ଶିକ୍ଷା ପ୍ରତି ଅନାଗ୍ରହତା ଇତ୍ୟାଦି ଦାୟୀ ନା ଯେଉଁମାନେ ତାଙ୍କ ନାମରେ ନିର୍ବାଚ଼ନ ପାରି ହେଉଛନ୍ତି ସେମାନେ ଦାୟୀ କେବେ କେହି ଚ଼ିନ୍ତା କରନ୍ତି କି କ୍ଷ କେବେ ବି ରଜନୀତିକ ଦଳମାନେ ଏହି ଶ୍ରେଣୀର ଲୋକମାନଙ୍କ ପ୍ରକୃତ ଉନ୍ନତି କ୍ଷେତ୍ରରେ ସାମୂହିକ ଚ଼ିନ୍ତା ବା ଯୋଜନା କରିଛନ୍ତି କି । ସବୁ ସୁବିଧା ସତ୍ୱେ ସେମାନେ କାହିଁକି ୭୫ ବର୍ଷ ଧରି ଦୁର୍ବଳ ଏବଂ କଣ କଲେ ସେମାନେ ଶାସନ, ଶିକ୍ଷା, ସର୍ବୋଚ୍ଚ ପଦ ପଦବୀର ଶୀର୍ଷ ସ୍ତରରେ ପହଂଚ଼ି ପାରିବେ ଏ ଦାୟିତ୍ୱ କେବେ ନିଜ ଉପରକୁ ନେଇଛନ୍ତି କି । ବରଂ ଏ ଦାୟିତ୍ୱ ଯାହାର ସେମାନେ ଓ ସେ ଦିଗରେ ସଫଳ ହୋଇପାରୁନଥିବା ରଜନୀତିକ ଦଳର ମୁଖିଆମାନେ ନୂଆ ନୂଆ ଫନ୍ଦି ଫିକର ରେ ଜନତାଙ୍କୁ ବିଭ୍ରାନ୍ତ କରି ଚ଼ାଲିଛନ୍ତି । ଜାତି ଜାତି ମଧ୍ୟରେ ବିଭେଦ ଦୂର କରିବା ପରିବର୍ତ୍ତ ? ସମାଜକୁ ଭାଗ ଭାଗ କରିବା ପାଇଁ ରଜନୀତିକ ଦଳ,ଗଣମାଧ୍ୟମ ଓ ସୋସିଆଲ ମେଡିଆ ରେ ପ୍ରତିଯୋଗିତା ଚ଼ାଲିଛି । ଦେଶର ଗୋଟିଏ ବିଭାଜନ ଆଜି ବି ପ୍ରଶ୍ନ ଚ଼ିହ୍ନ ହୋଇ ଲୋକଙ୍କ ମଧ୍ୟରେ ଘୁରିବୁଲୁଥିବା ବେଳେ ୭୫ ବର୍ଷ ପରେ ରଜନୀତିକ ଦଳ ମାନଙ୍କର ଜାତି ଗଣନା ଆବଶ୍ୟକ ହେଉଛି ଏହା ସମାଜକୁ ଯୋଡିବ ନା ଭାଙ୍ଗିବ । ଏହା କାହାର ହିତ ସାଧନ କରିବ । ଏତେ ବର୍ଷ ଧରି ଯଦି କୌଣସି ବ୍ୟବସ୍ଥା ବା ଅବସ୍ଥା ସୁଧୁରି ନାହିଁ ବା ସୁଧୁରି ପାରୁନାହିଁ ଜାତି ଗଣନା କରି କଣ ସୁଧାରି ନେବେ । ଜାତି କଣ ଏବେ ସୃଷ୍ଟି ହେଲା । ପ୍ରଥମତଃ ଆମେ ଦୁଇ ଆମର ଦୁଇ, କେଉଁଠି ଆମେ ଏକ ଆମର ଏକ ରେ ବିଶ୍ୱାସ କରୁଥିବା ଜନତା ଏବଂ ଏହାକୁ ବିଶ୍ୱାସ କରୁନଥିବା ବା ଏହାର ଗୁରୁତ୍ୱ ବୁଝୁନଥିବା ଜନତାଙ୍କ ସଂଖ୍ୟା ମଧ୍ୟରେ ତୁଳନା କରାଗଲେ କେଉଁ ସଂଖ୍ୟା ଅଧିକ ହେବ ତାହା ସହଜରେ ଅନୁମେୟ କ୍ଷ ଏହାକୁ ଯଦି ଜାତି ଆଧାରରେ ବାଣ୍ଟି ଦିଆଯାଏ ଗୋଟିଏ ପରିବାରର ଏକ ଦୁଇ ପରିବର୍ତ୍ତ ? ୩/୪ ସଂଖ୍ୟା ନିଶ୍ଚୟ ବେଶୀ ହେବ କ୍ଷ ଏଥିପାଇଁ କଣ ନଗଣ୍ୟ ସଂଖ୍ୟା ଦାୟୀ । ଅପର ପକ୍ଷରେ ଶିକ୍ଷା ହେଉ, ସଂସ୍କାର ହେଉ ସମାଜରେ ଅନ୍ୟମାନଙ୍କ ସହ ସମକକ୍ଷ ହେବା ପାଇଁ ସେମାନଙ୍କର ମାନସିକତାରେ, ପରିବେଶରେ, ସଂସ୍କାରରେ ପରିବର୍ତ୍ତନ ଆଣିବା ଓ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଉତ୍ସାହ ଦେବା ସହ ଯାହା ଦରକାର ଯେଉଁମାନେ ଦେଶର ସେବା କରିବା ଓ ଉନ୍ନତି କରିବା ପାଇଁ ଚ଼ିତ୍କାର କରୁଛନ୍ତି ସେମାନେ ସେ ଦିଗରେ ତାହା ଅଗ୍ରାଧିକାର ଭିତ୍ତିରେ ଆଜି ପର୍ଯ୍ୟନ୍ତ କରିଛନ୍ତି କି କ୍ଷ ନିଜର ବିଫଳତାକୁ ସ୍ୱୀକାର ନ କରି ପୁଣି ବିଭାଜନ ସୃଷ୍ଟି କରି ନୂଆ ନାରା ଦେଇ କ୍ଷମତା ଆହରଣର ନୂଆ କୌଶଳ ପ୍ରୟୋଗ ଦେଶ ପାଇଁ କ୍ଷତିକାରକ କି ନୁହେଁ କେହି ଚ଼ିନ୍ତା କରୁଛନ୍ତି କି ।

ସେଇଭଳି ଧର୍ମ ଏକ ବିଶ୍ୱାସର ପ୍ରତୀକ । ଏହାକୁ ପ୍ରତ୍ୟେକ ରଜନୀତିକ ଦଳ ନିଜ ଆବଶ୍ୟକତା ଅନୁଯାୟୀ ବ୍ୟବହାର କରୁଛନ୍ତି । ନା ଧର୍ମରେ, ନା ଗଣତାନ୍ତରେ କେଉଁଠି ନିରପେକ୍ଷତା ଅଛି ? । ଧର୍ମ ନାମରେ ଧର୍ମଓନ୍ଧତା, ଗଣତନ୍ତ୍ର ନାମରେ ରାଜତନ୍ତ୍ର ପ୍ରାବଲ୍ୟ ହେଉଛି କ୍ଷ ସବୁ କ୍ଷେତ୍ରରେ ଜନତା ଶୋଷିତ ହେଉଛି କ୍ଷ ଜନତାର ଅର୍ଥକୁ ଉନ୍ନତି ଦିଗରେ କମ ମାଗଣା ବାଣ୍ଟିବାରେ ବହୁଳ ଖର୍ଚ୍ଚ କରି ସମସ୍ତଙ୍କୁ ଦୁର୍ବଳ କରି ରଖାଯାଉଛି । ଏ ଜାତି ଓ ଜନତା ଯେତେ ଦୁର୍ବଳ ହେବେ ସମସ୍ୟା ସେତେ ସୃଷ୍ଟି ହେବ ଓ ସମସ୍ୟା ସମାଧାନ ପାଇଁ ନୂଆ ନୂଆ ନାମରେ କଲ୍ୟାଣକାରୀ ଯୋଜନା ସୃଷ୍ଟି ହେବ । ଫଳରେ କ୍ଷମତାର ଡୋରି ନିଜ ହାତରେ ରଖିବା ସେତେ ସହଜ ହେବ । ଯଦି କ୍ଷମତା ପାଇଁ ବାଣ୍ଟିବା ଏତେ ଜରୁରୀ ତେବେ ମନ୍ତ୍ରୀସ୍ତରୀୟ ପ୍ରତିନିଧିତ୍ୱରେ ଜାତିଭିତ୍ତିକ ସଂରକ୍ଷଣ,ମହିଳା ସଂରକ୍ଷଣରେ ବି ଜାତିଭିତ୍ତିକ ସଂରକ୍ଷଣ ଓ ଭାରତବର୍ଷକୁ ମଧ୍ୟ ଜାତିଭିତ୍ତିକ ଆଧାରରେ ନୂଆ କରି ପ୍ରଦେଶ ଗଠନ କରି ବାଣ୍ଟି ଦିଆଯାଉ । ଫଳରେ କ୍ଷମତା ପାଇବା ପାଇଁ ବାଟ ଆହୁରି ସହଜ ହୋଇଯିବ । ପ୍ରସଙ୍ଗଟି ଉପସ୍ଥାପନା କରିବାର ଉଦ୍ଦେଶ୍ୟ ହେଲା ଜାତିଭିତ୍ତିକ ସଂଖ୍ୟା ଗଣନା ଓ ଏହାର ପରିଣତି । ଏବେ ଗୋଟିଏ ରାଜ୍ୟର ଜାତିଭିତ୍ତିକ ଗଣନାରେ ଯେଉଁ ଜାତିର ସଂଖ୍ୟା ନଗଣ୍ୟ ସେମାନେ ଆନୁପାତିକ ହିସାବରେ ବେଶୀ ଭାଗ ସର୍ବୋଚ୍ଚ ପଦବୀରେ ରହିଥିବା ନେଇ କେତେକ ପ୍ରସଙ୍ଗ ଗଣମାଧ୍ୟମ ଓ ସୋସିଆଲ ମେଡିଆରେ ଯୁକ୍ତି କରାଯାଉଛି । ଏଭଳି ପ୍ରଶ୍ନ କଣ ଇର୍ଷା ଓ ଘୃଣାଭାବ ସୃଷ୍ଟି କରୁନାହିଁ କି । ଯେଉଁ ନଗଣ୍ୟ ସଂଖ୍ୟା ଆଜି ସର୍ବୋଚ୍ଚ ପଦ ପଦବୀରେ ଅଛନ୍ତି ( ରଜନୀତିକ ବ୍ୟକ୍ତିଙ୍କୁ ବାଦ ଦେଇ ) ସେମାନେ କଣ ସଂରକ୍ଷଣରେ ପଦ ପଦବୀ ହାତେଇଛନ୍ତି କି ?ଯଦି କେହି ନିଜର ଦକ୍ଷତା, ଯୋଗ୍ୟତା ବଳରେ ସର୍ବୋଚ୍ଚ ପଦ ପଦବୀରେ ବସିପାରିଲା ସେଥିରେ ଇର୍ଷା ଓ ପ୍ରଶ୍ନ କାହିଁକି । ଏଭଳି ମାନସିକତା ବ୍ୟକ୍ତିବିଶେଷ ଆଗ ନିଜ ପଦ ଛାଡି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରନ୍ତୁ । ତେଣୁ ଆଜି ସମସ୍ତଙ୍କର ଚ଼ିତ୍କାର କରିବାର ବେଳ ଆସିଛି ୭୫ ବର୍ଷ ଧରି ଭଣ୍ଡାଇ ଚ଼ାଲିଛ, ଆଉ ଆମକୁ ଭାଷଣରେ ନ ବାଣ୍ଟି ଜାତିରେ ନ ବାଣ୍ଟି ଆମ ଭିତରେ କଳହ ସୃଷ୍ଟି ନ କରି ଏ ଦେଶ ଏ ଜାତିର ଉନ୍ନତି କର ନ ହେଲେ କ୍ଷମତା ଛାଡ଼ ।

କିନ୍ତୁ ୭୫ ବର୍ଷ ଧରି ଭଣ୍ଡାମୀର ଶିକାର ଜନତା କଣ ଏମାନଙ୍କ ପ୍ରାଭୋଳନରୁ ମୁକ୍ତି ପାଇପାରିବେ ?

*ସମ୍ପାଦକ ଶିବାନୀ ଭଦ୍ରକ*
*ମୋ-୭୯୭୮୩୬୯୨୯୫*

# ସୁରକ୍ଷାରେ ତ୍ରୁଟି ଯୋଗୁଁ କାରଖାନା ପରିସରରେ ଦୁର୍ଘଟଣା ପରେ ଟିପର ଚାଳକର ମୃତ୍ୟୁ



କେନ୍ଦୁଝର (ପିଏନ୍): କାରଖାନା ପରିସରରେ ସୁରକ୍ଷାରେ ତୃଟି ଯୋଗୁଁ ଜଣେ ଟ୍ରକ ଚାଳକର ମୃତ୍ୟୁ ହୋଇଛି। ପୋଲିଓ ଏବଂ କାରଖାନା ଓ ବାଷ୍ପିତ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ବାମେବାରୀ ଥାନା ଅନ୍ତର୍ଗତ ବସନ୍ତପୁରଠାରେ ଥିବା ଏସେଲ ମାଇନିଂ ଏଣ୍ଡ ଇଣ୍ଡଷ୍ଟ୍ରିଜ ପିଲେଟ ଏବଂ ବେନିଫିକେସନ କାରଖାନା ପରିସରରେ ଏକ ଲୁହାପଥର ଗୁଣ୍ଡ ବୋଝେଇ ଟିପର ଦୁର୍ଘଟଣା ଘଟି ଟିପର ଚାଳକଙ୍କ ମୃତ୍ୟୁ ଘଟିଛି। କାରଖାନା ପରିସରରେ ଟ୍ରାଫିକ ସୁରକ୍ଷା ବ୍ୟବସ୍ଥା ଢିଲା ଓ ଭିତରେ ଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇଥିବାରୁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଥିବାବେଳେ ଏବେ ଏକ ଦୁର୍ଘଟଣା ଘଟି ଜଣେ ଟିପର ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକଙ୍କ ନାମ ଛେଦି ମୁଣ୍ଡା ଏବଂ ବୟସ ୩୧ବର୍ଷ ବୋଲି ଜଣାପଡିଛି। ଏହାକୁ ନେଇ ବାମେବାରୀ ଥାନା ପୋଲିସ ଏକ କେସ ନଂ ୨୦୨ ଦଫା ୨୭୯, ୩୦୪ (ଏ) ଏକ ମାମଲା ରୁଜୁ କରିଥିବାବେଳେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। କାରଖାନା ପରିସରରେ ବେପରୁଆ ଗାଡି ଚାଳନା ଯୋଗୁ ଗାଡି ଚାଳକର ମୃତ୍ୟୁ ହୋଇଥିବା ପୋଲିସ କହିଛି। କାରଖାନା ପରିସରରେ ଦୃତ ଗତିରେ ଗାଡି ଚଲାଉଥିଲେ ସୁରକ୍ଷା କର୍ମଚାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। କେନ୍ଦୁଝରସ୍ଥିତ ସହକାରୀ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ ପକ୍ଷରୁ ମଧ୍ୟ ତଦନ୍ତ ଆରମ୍ଭ ହୋଇଛି। ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ ବିଭାଗର ଇଂ କେଦାର ନାଥ ହାଁସଦା ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଏହି ଘଟଣାକୁ ଭିନ୍ନ ମୋଡ ଦେଇ କାରଖାନା କର୍ତ୍ତୃପକ୍ଷ ଙ୍କୁ ସୁରକ୍ଷା ଦେବାକୁ ପ୍ରୟାସ ଚାଲିଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଠାରେ ସୂଚନା ଯୋଗ୍ୟ ଯେ, କାରଖାନା ପରିସରରେ ଥିବା ରାସ୍ତାଘାଟ ଗୁଡିକ ସଠିକ ମାନର କରିବା ସହ ଶ୍ରମିକ ତଥା ଗାଡି ଚାଳକ ମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବାର ବ୍ୟବସ୍ଥା ରହିଛି। ସେହିପରି କାରଖାନା ପରିସରରେ ଧୂଳି,ଧୂଆଁ ପ୍ରଦୂଷଣ ନିୟନ୍ତ୍ରଣ କରି ଦୁର୍ଘଟଣା ରୋକିବା ନେଇ ମଧ୍ୟ ପଦକ୍ଷେପ ନିଆଯାଇଥାଏ। ତେବେ ଏସବୁ ଅବ୍ୟବସ୍ଥା ତଦାରଖ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ,ଶ୍ରମ ବିଭାଗ,କାରଖାନା ଓ ବାଷ୍ପିତ ବିଭାଗ ଗସ୍ତ କରି ଯାଂଚ କରିଥାନ୍ତି। ତେବେ ଏହି କାରଖାନାରେ ସେ ସବୁ ଠିକ୍ ଭାବରେ ଯାଂଚ ହୋଇଛି କି ନାହିଁ ତାହାର ତଦନ୍ତ କରିବା ସହ ନିୟମିତ ରାସ୍ତାଘାଟ ସଫେଇ ଓ ଜଳସିଞ୍ଚନ କରାଯାଉନଥିବାରୁ ଗାଡି ଚଳାଚଳ ସମୟରେ ଧୂଳି ଉଡି ସମସ୍ୟା ଦେଖାଦେଇଥାଏ। ଏଣୁ ଏସବୁ ଦୃଷ୍ଟିକୋଣରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତ ଡ୍ରାଇଭରକୁ କ୍ଷତିପୂରଣ ଦେଇ ନ୍ୟାୟ ଦେବାକୁ ଦାବୀ ହୋଇଛି। ଏନେଇ ବାମେବାରୀ ଥାନା ଅଧିକାରୀ ସ୍ୱରୂପ ରଂଜନ ନାୟକ କହିଛନ୍ତି ଯେ, ଘଟଣାକୁ ନେଇ କେସ କରାଯାଇ ତଦନ୍ତ ଚାଲିଛି। ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ ବିଭାଗର ଇଂ କେଦାର ନାଥ ହାଁସଦାଙ୍କ ସହ ଯୋଗାଯୋଗ କରିବାରୁ କାରଖାନା ପରିସରରେ ଦୁର୍ଘଟଣାର ତଦନ୍ତ ଚାଲିଛି। ମାଲଗାଡିଗୁଡିକ କାରଖାନାରୁ ବାହାରିବା ସମୟରେ ଗାଡିର ଚକା ପାଣିରେ ଧୋଇବା ପାଇଁ ଯେଉଁ ବ୍ୟବସ୍ଥା ହେବା କଥା ତାହା ନାହିଁ। ଫଳରେ କାରଖାନା ଗାଡି ଯିବା ଆସିବା ସମୟରେ ଧୂଳି ଉଡି ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। କାରଖାନା ପରିସରରେ ଜଳସିଞ୍ଚନ ବ୍ୟବସ୍ଥା ମଧ୍ୟ ଠିକ୍ ଭାବରେ କାମ କରୁନଥିବା ଅଭିଯୋଗ ହୋଇଛି। କାରଖାନା ଭିତର ରାସ୍ତା ସଂପୂର୍ଣ୍ଣ ଭାବରେ ଗମନାଗମନ ଅନୁପଯୁକ୍ତ ହୋଇପଡିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାରଖାନା ଭିତର ରାସ୍ତାକୁ ପକ୍କା କରିବା ପାଇଁ ନିର୍ଦ୍ଦେଶନାମା ରହିଥିଲେ ମଧ୍ୟ କାରଖାନା କର୍ତ୍ତୃପକ୍ଷ ଦୀର୍ଘଦିନ ଧରି ଅଣଦେଖା କରୁଛନ୍ତି। ଯାହାଦ୍ୱାରା ଗାଡି ଚଳାଚଳ ସମୟରେ ପ୍ରବଳ ମାତ୍ରାରେ ଧୂଳି ଉଡି ଗୋଟିଏ ଗାଡି ଅନ୍ୟ ଗାଡିକୁ ଦେଖିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଦୁର୍ଘଟଣା ଆଶଙ୍କା ରହୁଛି। ଗାଡି ଚାଲିବା ଦ୍ୱାରା ଏତେ ମାତ୍ରାରେ ଧୂଳି ଉଡୁଛି ଯେ କାରଖାନାର କର୍ମଚାରୀମାନେ ମଧ୍ୟ କାରଖାନା ପରିସରରେ କାମ କରିବା ନିରାପଦ ମଣୁନାହାଁନ୍ତି। କାରଖାନା ଯାଞ୍ଚ ପାଇଁ ଶିଳ୍ପ ବିଭାଗ ଏକ କମିଟି ଗଠନ କରଛନ୍ତି। ଯାହାକୁ ସେଣ୍ଟ୍ରାଲ ଇନ୍ସପେକ୍ସନ କୋ-ଅଡିନେସନ ଗୃପ(ସିଆଇସିଜି) କୁହାଯାଉଛି। ଏହି ଗ୍ରୁପ ରେ ଶ୍ରମ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ କୁ ସାମିଲ କରାଯାଇଛି। କମ୍ପ୍ୟୁଟର ଜେନେରେଟେଡ ପ୍ରୋଗ୍ରାମ ଅନୁସାରେ ଏହାର ଅଧିକାରୀମାନେ ବିଭିନ୍ନ କଳକାରଖାନା ପରିଦର୍ଶନ କରିବାର ନିୟମ ରହିଛି । କିନ୍ତୁ ଶିଳ୍ପ ବିଭାଗର ଏହି ମହତ କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲାରେ ଫେଲ ମାରିଛି। ଯୁଗ୍ମ ଭାବେ ଯାଂଚ ସମୟରେ ଅନେକ ବିଭାଗର ଅଧିକାରୀ ଅନୁପସ୍ଥିତ ରହି ପରବର୍ତ୍ତୀ ସମୟରେ କାଗଜକଲମରେ ଯାଂଚ ରିପୋର୍ଟ ପ୍ରସ୍ତୁତ କରି ଅନ୍‌ଲାଇନରେ ଅପଲୋଡ କରୁଛନ୍ତି। ଏପରିକି ଅନଲାଇନରେ ଅପଲୋଡ ପରେ ଏହାଉପରେ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଶିଳ୍ପ ବିଭାଗର ସିଆଇସିଜି ଯାଞ୍ଚ ର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ଫଳରେ କଳକାରଖାନାରେ ଥିବା ବିଭିନ୍ନ ଅବ୍ୟବସ୍ଥାର ସୁଧାର ଆସି ପାରୁନାହିଁ। ଜନହିତକର ଏବଂ ଶିଳ୍ପ ପ୍ରୋତ୍ସାହନ ପାଇଁ କରାଯାଇଥିବା ଏହି ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ।

# ବାଲି ଚୋରା ଚାଲାଣକୁ ଗ୍ରାମବାସୀଙ୍କ ବିରୋଧ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ମଙ୍ଗଳପୁର ପଂଚାୟତ କୋଠିଡ଼ିହ ଗାଁ ନିକଟ ବ୍ରାହ୍ମଣୀ ନଦୀରୁ ହେଉଥିବା ବାଲି ଚୋରା ଚାଲାଣକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି। ଏକ ବାଲି ବୋଝେଇ ହାଇୱା ଓ ପୋକଲିନ୍ ମେସିନ୍‌କୁ ଅଟକାଇ ଏହି ବେଆଇନ ବାଲିଘାଟକୁ ତୁରନ୍ତ ବନ୍ଦ କରିବା ପାଇଁ ନାରାବାଜି କରିଥିଲେ। ପ୍ରଶାସକ ଓ ରାଜନେତାଙ୍କ ସହଯୋଗରେ ଏଠାରୁ ବାଲିମାଫିଆ ବେଧଡ଼କ ବାଲି ଲୁଟ୍ କରୁଥିବା ବେଳେ ରାଜ୍ୟ ସରକାରଙ୍କର ବିପୁଳ ରାଜସ୍ୱ ହାନୀ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ପ୍ରକାଶ ଯେ, ରସୁଲପୁର ତହସିଲ ଅଧୀନ ଲଙ୍କାବାଲିସାହି ବାଲିଘାଟ ଲିଜ୍ ନେଇଥିବା ଲିଜ୍‌ଧାରୀ ଧର୍ମଶାଳା ତହସିଲ ଅଧୀନ କୋଠିଡ଼ିହ ନିକଟ ବ୍ରାହ୍ମଣୀ ନଦୀରୁ ବେଆଇନ ଭାବେ ବାଲି ଉତୋଳନ କରୁଛନ୍ତି। ଦୁଇଟି ପୋକଲିନ୍ ମେସିନ୍ ବାଲି ଉତୋଳନ କରୁଥିବା ବେଳେ ଏହାକୁ କେତେକ ହାଇୱାରେ ପରିବହନ କରାଯାଉଛି। ଗୋଟିଏ ହାଇୱାରେ ବାଲି ବୋଝେଇ ହୋଇ ଗଲାପରେ ଅନ୍ୟ ଏକ ହାଇୱା ଘାଟରେ ପଶୁଛି। ସ୍ଥାନୀୟ ଅଂଚଳବାସୀଙ୍କୁ ଅନ୍ଧାରରେ ରଖି ଲିଜ୍‌ଧାରୀ ଅତି ଚତୁରତାର ସହ କେତେକ ହାଇୱାରେ ଦିନକୁ ଶତାଧିକ ଟ୍ରିପ୍ ବାଲି ଲୁଟି ନେଉଛନ୍ତି। ଲିଜ୍ ଅଂଚଳରୁ ବାଲି ଉଠାଇବା ପରିବର୍ତେ କାହା ନିର୍ଦ୍ଦେଶରେ ବିନା ଆର୍ ଫର୍ମରେ ଏଠାରୁ ବେଆଇନ ବାଲି ଉତୋଳନ ହେଉଛି ? ଲଘୁ ଖଣିଜ ସାମଗ୍ରୀ ଚୋରି ରୋକିବା ପାଇଁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର, ଆର୍‌ଆଇଙ୍କୁ ନେଇ ଗଠନ ହୋଇଥିବା ସ୍ୱତନ୍ତ୍ର ଟାକ୍ସଫୋର୍ସ କ'ଣ କରୁଛି ବୋଲି ପ୍ରଶ୍ନ ଉଠାଇଛନ୍ତି ଆନ୍ଦୋଳନକାରୀ। ସେହିପରି ଚାନ୍ଦପୁର ମୌଜାରେ ବାଲି ସୈରାତ୍ ଲିଜ୍ ନେଇଥିବା ଲିଜ୍‌ଧାରୀ ଏଠାରୁ ୩୦ ହଜାର ଘନମିଟରରୁ ଅଧିକ ବାଲି ଲୁଟି ନେଇଥିଲେ। ସ୍ଥାନୀୟ ଅଂଚଳବାସୀଙ୍କ ବିରୋଧ ପରେ ଧର୍ମଶାଳା ତହସିଲ ପକ୍ଷରୁ ଗତ ଜୁନ୍ ମାସରେ ଏଠାରେ ଚଢ଼ଉ କରାଯାଇ ୭ଟି ବାଲି ବୋଝେଇ ହାଇୱା ଓ ୨ଟି ପୋକଲିନ୍ ମେସିନ୍ ଜବତ କରିଥିଲା । ସଂପୃକ୍ତ ବାଲିମାଫିଆ ବିରୋଧରେ ୨କୋଟି ଟଙ୍କା ଜରିମାନା କରାଯାଇଥିଲା। ଏହି ଜରିମାନା ବର୍ତମାନ ସୁଦ୍ଧା ଅନାଦେୟ ରହିଛି । ଏହାସତ୍ତ୍ୱେ ପୁଣି ଏଠାରୁ ୨୦ ହଜାର ଘନମିଟରରୁ ଅଧିକ ବାଲି ଲୁଟ୍ ହୋଇଯିବା ଘଟଣା ପ୍ରଶାସନର ସ୍ୱଚ୍ଛତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ପୂର୍ବାହ୍ଣରେ ମଙ୍ଗଳପୁର ପଂଚାୟତର ନୂଆକୁଳ, ମଙ୍ଗଳପୁର ଓ କୋଠଡିହ ଗ୍ରାମବାସୀ ବେଆଇନ ବାଲିଘାଟକୁ ବିରୋଧ କରିବା ଓ ବାଲି ବୋଝେଇ ହାଇୱାକୁ ଅଟକାଇଥିବା ଖବର ପାଇ ବ୍ରହ୍ମବରଦା ଫାଣ୍ଡି ପୁଲିସ୍ ଘଟଣାସ୍ଥଳରେ ପହଁଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲା । ଏ ସଂପର୍କରେ ପୁଲିସ୍ ଉଭୟ ଧର୍ମଶାଳା ଓ ରସୁଲପୁର ତହସିଲଦାରଙ୍କୁ ଅବଗତ କରାଇଥିଲେ । ଉକ୍ତ ବିବାଦର ସମାଧାନ ପାଇଁ ଦୁଇ ତହସିଲର ତହସିଲଦାରଙ୍କ ଉପସ୍ଥିତିରେ ଏରିଆ ମାପଚୁପ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀମାନେ ଆନ୍ଦୋଳନରୁ ଓହରିଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ଫଟୋ ସଂଗ୍ରହରେ ବିରଳ ରେକର୍ଡ



ଭୁବନେଶ୍ୱର (ପିଏନ୍): ବାଳକାଟି ରଥଜେମା ଗ୍ରାମର ଶ୍ରୀ ଦିଲ୍ଲୀପ କୁମାର ସାହୁ ବାସ୍ତବରେ ଜଣେ ନିଆରା ସଂଗ୍ରାହକ ଓ ଜଣେ ନିଆରା ମଣିଷ ମଧ୍ୟ। ଖବରକାଗଜରୁ ଦେଶ ବା ରାଜ୍ୟର ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଫଟୋ ସବୁକୁ ସେ ନିୟମିତ ଭାବରେ ସଂଗ୍ରହର କରି ରଖିଥାନ୍ତି। ଆମ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କର ଅନେକ ଫଟୋକୁ ସେ ନିଜ ଫାଇଲ୍‌ରେ ସାଇତି କରି ରଖିଛନ୍ତି। ଅନେକ କ୍ରିକେଟ୍ ଖେଳାଳିଙ୍କ ଫଟୋକୁ ମଧ୍ୟ ସେ ସଂଗ୍ରହ କରି ରଖିଛନ୍ତି। ଆଜିକୁ ଦୀର୍ଘ ୨୦ ବର୍ଷ ତଳେ ସେ ଏହି ସଂଗ୍ରହ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ୨୦୦୧ ମସିହାରେ ସେବେଠାରୁ ଦୀର୍ଘ ୨୨ ବର୍ଷ ହେଲାଣି ଦିଲ୍ଲୀପ ଏହି ସଂଗ୍ରହ କାର୍ଯ୍ୟ କରୁଛନ୍ତି। ନିକଟରେ ସେ ଆମ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଦୁବାଇ ସାରେଜାସ୍ଥିତ, ବ୍ରାଭୋ ଇଣ୍ଟରନ୍ୟାସ୍‌ନାଲ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଯଦିଓ ଏହି ଆନ୍ତର୍ଜାତିକ ସ୍ତରରେ ରେକର୍ଡ ବୁକ୍‌ରେ ସ୍ଥାନ ପାଇବା ସହଜସାଧ୍ୟ ନୁହେଁ । ତଥାପି ଦିଲ୍ଲୀପଙ୍କ ନିଷ୍ଠାପର ଭାବରେ ନିରନ୍ତର ସଂଗ୍ରହ ଦ୍ୱାରା ଆମ ଦେଶର ପ୍ରଧାନମନ୍ତ୍ରୀଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଦିଲ୍ଲୀପ ଆନ୍ତର୍ଜାତିକ ସ୍ତରରେ ଏହି ରେକର୍ଡ କରିଛନ୍ତି। ଦିଲ୍ଲୀପ ମଧ୍ୟ ପ୍ରତ୍ୟେକ ଦିନ ନିଜର ସଂଗ୍ରହକୁ ସାମାଜିକ ଗଣମାଧ୍ୟମରେ ସେୟାର କରନ୍ତି। ଆମ ଦେଶର ନୂତନ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ ମଧ୍ୟ ଦିଲ୍ଲୀପଙ୍କ ସଂଗ୍ରହକୁ ଦିଲ୍ଲୀପଙ୍କ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଲାଇକ୍ କରିଛନ୍ତି। ଦିଲ୍ଲୀପ ମଧ୍ୟ ଆହୁରି ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାରମାନେ ନିଜର ଏହି ସଂଗ୍ରହ କାର୍ଯ୍ୟ ଏବଂ କଳା ପାଇଁ ପାଇଛନ୍ତି। ନିକଟରେ ରାଷ୍ଟ୍ରୀୟ ପ୍ରେରଣା ଆୱାଡ-୨୦୨୨ ମଧ୍ୟ ଦିଲ୍ଲୀପ ପାଇଥିଲେ। ଦିଲ୍ଲୀପ ମଧ୍ୟ ୨୦୨୧ ମସିହାରେ ଆମ ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଇଣ୍ଡିଆ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଥିଲେ। ଦିଲ୍ଲୀପ ଅନେକ ପୁରସ୍କାର ମଧ୍ୟ ଲାଭ କରିଛନ୍ତି। ୨୦୨୧ ମସିହାରେ ଇଣ୍ଡିଆ ଷ୍ଟାର ଇଣ୍ଡିପେଣ୍ଡେଣ୍ଟ ଆୱାର୍ଡ, ଇଣ୍ଡିଆ ପ୍ରାଉଡ୍ ଆୱାର୍ଡ, ୨୦୨୨ ମସିହାରେ ଇଣ୍ଡିଆ ପ୍ରାଇମ୍ ଆୱାର୍ଡ ପାଇ ଚର୍ଚ୍ଚାରେ ଥିଲେ। ଦିଲ୍ଲୀପ ଜଣେ ଭଲ ଚିତ୍ରଶିଳ୍ପୀ। ଦିଲ୍ଲୀପଙ୍କ ଏହି କାର୍ଯ୍ୟ ପ୍ରଶଂସନୀୟ ଏବଂ ସମ୍ମାନାସ୍ପଦ ଅଟେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ନଭେମ୍ବର ୨୬

# ଆଜିର ଛାତ୍ର ସମାଜ କାଲିର ଉଜ୍ଜ୍ୱଳ ଭବିଷ୍ୟତ



ସୁଚରିତା ମହାନ୍ତି

ଆମ ଶିକ୍ଷା ବ୍ୟବସ୍ଥା ରେ କିଛି ଅବ୍ୟବସ୍ଥା ରହୁଥିବା ର ଲକ୍ଷ୍ୟ କରାଯାଉଛି । ଅତୀତ ଓ ବର୍ତ୍ତମାନର ଶିକ୍ଷା ପଦ୍ଧତି ମଧ୍ୟରେ ବହୁତ ଫରକ୍ ଅଛି, ସବୁ ପ୍ରକାରର ବିଧି ବ୍ୟବସ୍ଥାର ପରିବର୍ତ୍ତନ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ଉପରେ କି ପ୍ରଭାବ ପଡୁଛି ତାହା ଏକ ସମ୍ବେଦନଶୀଳ ବିଷୟ ବା ପ୍ରସଙ୍ଗ ହୋଇଛି । ପାଠ୍ୟକ୍ରମ ରେ ପରିବର୍ତ୍ତନ ଯୋଗୁଁ ଛାତ୍ରଛାତ୍ରୀ ମାନେ ସମୟ ସମୟରେ ନିଜକୁ ବହୁ ସମସ୍ୟା ର ସାମ୍ନା କରୁଥିବାର ଲକ୍ଷ୍ୟ କରାଯାଇଛି ।ତା'ରି ଭିତରେ ପାଠ ସହିତ ସେମାନଙ୍କର ବୌଦ୍ଧିକ ବିକାଶ ନିମନ୍ତେ ଆମେ ଅନୁଷ୍ଠାନ ମାନଙ୍କରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଏବଂ ମନୋରଞ୍ଜନକାରୀ କାର୍ଯ୍ୟକ୍ରମ କରି ସେମାନଙ୍କୁ ଉତ୍ସାହିତ କରିବା ସହିତ ତାଙ୍କ ବୁଦ୍ଧି ର ପରୀକ୍ଷା କରିଥାଉ । ତଦ୍ୱାରା ସେମାନେ ନିଜକୁ ସୁଦୃଢ଼ କରି ପ୍ରତ୍ୟେକ କାର୍ଯ୍ୟ ରେ ସଫଳତାର ଶୀର୍ଷରେ ପହଞ୍ଚି ପାରନ୍ତି । ଏବେ ଗୋଟିଏ ମହାବିଦ୍ୟାଳୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ହୋଇଥିଲା ,ସେଥିପାଇଁ ମୋତେ ବିଚାରକ ଭାବେ ଆମନ୍ତ୍ରଣ କରାଯାଇଥିଲା । ତେଣୁ ନିର୍ଦ୍ଦିଷ୍ଟ ସମୟ ଅନୁସାରେ ମୁଁ ବିଚାରକ ଭାବେ ମହାବିଦ୍ୟାଳୟ କୁ ଗଲି । ସେଠାରେ ଅନ୍ୟ ବିଚାରକ ମଧ୍ୟ ଉପସ୍ଥିତ ହେଲେ । ଦୁଇ ଦିନିଆ ପ୍ରତିଯୋଗିତା ହେବାକୁ ନିଷ୍ପତ୍ତି ନିଆଯାଇଥିଲା ।ନୃତ୍ୟ, ଗୀତ, ଓଡ଼ିଆ ଓ ଇଂରାଜୀ ଭାଷାରେ ଲିଖିତ ପ୍ରବନ୍ଧ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତା ହେବାକୁ ସ୍ଥିର କରାଯାଇଥିଲା । ସମସ୍ତଙ୍କୁ ଅଲଗା ଅଲଗା ପ୍ରତିଯୋଗିତା ରେ ବିଚାରକ ଭାବେ ନିୟୋଜିତ କରାଯାଇଥିଲା । ମୁଁ ସେଥିମଧ୍ୟରେ ଦୁଇଟି ବିଭାଗରେ ବିଚାରକ ଭାବେ ଉପସ୍ଥିତ ଥିଲି ।ଠିକ୍ ସମୟ ଅନୁସାରେ ଆରମ୍ଭ ହୋଇଥଲା, ସମସ୍ତ ପ୍ରତିଯୋଗୀ ମାନଙ୍କୁ ପ୍ରାରମ୍ଭିକ ସୂଚନା ପ୍ରଣାଳୀ ପ୍ରଦାନ କରାଗଲା । ଦୂର ଦୂରାନ୍ତରୁ ଆସି ପିଲା ମାନେ ପ୍ରତିଯୋଗୀତା ରେ ଭାଗ ନେଇଥାନ୍ତି । କିନ୍ତୁ ଗୋଟିଏ ଅଭାବ ପରିଲକ୍ଷିତ ହେଉଥାଏ ଯେ, ପ୍ରତିଯୋଗୀ ମାନଙ୍କ ସଂଖ୍ୟା ବହୁତ କମ୍ ଥାଏ । ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାମାନେ ଏବଂ ପ୍ରତିଯୋଗିତା ର ଆୟୋଜକ ମାନେ ଯେତିକି ପରିମାଣରେ ପ୍ରତିଯୋଗୀ ମାନଙ୍କ ର ଭାଗନେବା କୁ ନେଇ ଆଶାବ୍ୟକ୍ତ କରିଥିଲେ ସେହି ଅନୁସାରେ ବହୁତ କମ୍ ପିଲା ଭାଗ ନେଇଥିଲେ । ଦୀର୍ଘ ଦିନରୁ ପ୍ରସ୍ତୁତି ଚାଲିଛି କିନ୍ତୁ ଠିକ୍ ସମୟରେ ଏଭଳି ସ୍ଥିତି କାହିଁକି ଓ କ'ଣ ପାଇଁ ।ଏହାର କାରଣ କ'ଣ ହୋଇପାରେ ।ଆମ ମାନଙ୍କର ଏଥିପ୍ରତି କ'ଣ କର୍ତ୍ତବ୍ୟ ରହିଛି । ଆମ ଭବିଷ୍ୟତର ଦାୟାଦ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତକୁ ଲକ୍ଷ୍ୟରେ ରଖି ଆମକୁ କ'ଣ କ'ଣ କାର୍ଯ୍ୟ କରିବା ପାଇଁ ପଡ଼ିବ । ଯାହାଦ୍ୱାରା ସେମାନଙ୍କ ଶିକ୍ଷା ପଦ୍ଧତିରେ ପରିବର୍ତ୍ତନ ହେବା ସହିତ ସେମାନଙ୍କ ର ଜୀବନଧାରା ଶୃଙ୍ଖଳିତ ହୋଇପାରିବ । ଏହା ହେଉଛି ଗୋଟିଏ ଗୁରୁ ଦାୟିତ୍ୱ ଆମ ସମସ୍ତଙ୍କର ।ଆଜିକାଲି ଆଧୁନିକ ଯୁଗରେ ଯେଉଁ ଯନ୍ତ୍ର ଟି ପାଇଁ ବଡ଼ ଠାରୁ ସାନ ଯାଏଁ ସମସ୍ତେ ପାଗଳ ତାହା ହେଉଛି ମୋବାଇଲ୍ । ଏକଥା କୁ କେହି ଅସ୍ୱୀକାର କରିପାରିବେ ନାହିଁ । ଯେଉଁ ଯନ୍ତ୍ର ଟି ପାଇଁ ଅନେକ ଶଙ୍କଟ ଭିତରେ କାଳାତିପାତ କରୁଛନ୍ତି । କେତେ କେତେ ଜୀବନ ଧାରାକୁ ବଦଳାଇ ଦେଇଛି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା । ସବୁ କାମ ରେ ଅତି ରୁ ଇତି ହୁଏ । ମଣିଷ ର ବୁଝିବା ଶକ୍ତି ଓ ଜାଣିବା ଶକ୍ତି ପ୍ରଖର ଥାଇ ମଧ୍ୟ ବେଳେ ବେଳେ ସେ ଏମିତି କାର୍ଯ୍ୟ କରେ ଯାହାକି ସମସ୍ତଙ୍କୁ ନିର୍ବାକ କରେଇ ଦିଏ । ନିଜର ବୁଦ୍ଧି ବିବେକ ହଜେଇ ଦିଏ । ବୁଝିପାରେ ନାହିଁ ଭଲ କ'ଣ ମନ୍ଦ କ'ଣ ।ସେଇ ମୋବାଇଲ୍ ନାମକ ଯନ୍ତ୍ର ଅଧିକାଂଶ ଛାତ୍ରଛାତ୍ରୀ ମାନଙ୍କର ଧୀଶକ୍ତି କୁ ଛଡ଼ ?ଇ ନେଇ ବିଭିନ୍ନ ପ୍ରକାରର ଅସାମାଜିକ କରି ସାରିଲାଣି । ଯେଉଁଥିପାଇଁ ଆମେ ବାପା ମା' ହିଁ ପ୍ରଥମେ ନିଜକୁ ଦାୟୀ କରିବା ଆବଶ୍ୟକ । ପିଲାମାନଙ୍କର ଜିଦ୍ ଆଗରେ ନିଜକୁ ଦୁର୍ବଳ ମନେକରି ଅତ୍ୟଧିକ ସ୍ନେହ ଆଦର କରି ଏଇ ବିଷାକ୍ତ ଯନ୍ତ୍ରଟା ତାଙ୍କୁ ଧରେଇ ଦେଇ ତାଙ୍କ ଜୀବନ ଧାରାକୁ ନଷ୍ଟ କରିବା କୁ ପଛଉ ନା ?ହୁଁ ଯାହା ଦ୍ୱାରା ପିଲାମାନେ ତାଙ୍କର ଜୀବନ ଶୈଳୀକୁ ସମ୍ପୂର୍ଣ୍ଣ ଭାବରେ ବିଷାକ୍ତ କରି ସାରିଛନ୍ତି, ଯାହା ଫଳରେ ସେମାନେ ଆଉ କୌଣସି ଭଲ କାମରେ ଆଗ୍ରହ ପ୍ରକାଶ କରୁନାହାନ୍ତି କି ମନ ବଳଉ ନାହାନ୍ତି । ସେଥିରୁ ସେମାନଙ୍କୁ ନିବୃତ୍ତ କରିବା ପାଇଁ ହେଲେ ଆମ ସମସ୍ତଙ୍କୁ ସେ ଯନ୍ତ୍ର ଠାରୁ ଦୂରେଇ ରଖି ତାଙ୍କର ଜୀବନ ଧାରାକୁ ଶାନ୍ତ ସରଳ ଭାବରେ ଗଢ଼ି ତୋଳିବାକୁ ପଡ଼ିବ । ଘରେ ବାପା ମା' ଏବଂ ବିଦ୍ୟାଳୟ ବା ମହାବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକାମାନେ ସମସ୍ତ ପିଲାମାନଙ୍କୁ ଏଥିପ୍ରତି ସଚେତନ କରାଇବା ସହିତ ପ୍ରତ୍ୟେକ ବିଷୟ କୁ ଆଲୋଚନା ମାଧ୍ୟମରେ ବୁଝାଇବା ତତ୍ ସହିତ ଆମର ସଂସ୍କୃତି, ପରମ୍ପରା, ଲୋକ କଳା, ନୃତ୍ୟ,ସାହିତ୍ୟ, ସଙ୍ଗୀତ,ଐତିହ୍ୟ, ବିଭିନ୍ନ ପ୍ରକାରର ପର୍ବପର୍ବାଣୀ ଉପରେ ବିଶେଷ ଭାବେ ଆଲୋକ ପାତ କରେଇଲେ ସେମାନେ ତାଙ୍କର ନିଖୁଣ ପ୍ରଦର୍ଶନ ମାଧ୍ୟମରେ ନିଜକୁ ଉପସ୍ଥାପନ କରିପାରିବେ । ଏସବୁ ଦ୍ୱାରା ତାଙ୍କ ମନରୁ ଭୟ ଦୂରେଇଯିବ, ଦୁର୍ବଳ ନ ଭାବି ପ୍ରତ୍ୟେକ ଟି ପ୍ରତିଯୋଗିତା ରେ ଭାଗ ନେଇପାରିବେ । ପିଲାମାନଙ୍କର ଲେଖିବା ଓ କହିବା ଅଭ୍ୟାସ ରହିଲେ ସେମାନେ ବିନା ଦ୍ୱିଧାରେ ଭଲ ବକ୍ତୃତା ଦେଇପାରିବେ ଓ ବିଭିନ୍ନ ବିଷୟରେ ପ୍ରବନ୍ଧ ହେଉ ବା ରଚନା ଲେଖିପାରିବେ । ଅଧିକାଂଶ ପିଲାମାନେ ବକ୍ତୃତା ଦେବା ସମୟରେ ପାଟି ଖନି ମାରି ଯାଏ,ହାତ ଗୋଡ଼ ଥରୁଥାଏ । ଯାହା କହିବା ପାଇଁ ଭାବୁଥାନ୍ତି ସେ ସବୁକୁ ଭୁଲି ଯାନ୍ତି । ଯାହା ଫଳରେ ସେମାନେ ଆବଶ୍ୟକୀୟ ତଥ୍ୟ କୁ ଉପସ୍ଥାପନ କରିନପାରି ଅଧିକ ନମ୍ବର ରଖିବା ପାଇଁ ଅସମର୍ଥ ହୋଇଥାଆନ୍ତି । ତେଣୁ ପ୍ରତି ମାସରେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପ୍ରତ୍ୟେକ ବିଷୟ ଉପରେ ସମ୍ୟକ୍ ଆଲୋଚନା କରିବା, ପିଲାମାନଙ୍କ ମଧ୍ୟରେ ବକ୍ତୃତା ସହିତ ବିଭିନ୍ନ ବିଷୟ ଉପରେ ପ୍ରବନ୍ଧ , ରଚନା ଲେଖେଇବା ଆବଶ୍ୟକ ।କେବଳ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ନୁହେଁ ପ୍ରତି ଘରେ ପିଲାମାନଙ୍କର ଧୀଶକ୍ତି ର ବିକାଶ ନିମନ୍ତେ ଏସବୁ ପ୍ରତି ଗୁରୁତ୍ୱ ଦେବା ନିହାତି ଆବଶ୍ୟକ ।ପ୍ରତ୍ୟେକ ପିଲାମାନଙ୍କ ଭିତରେ ଶିକ୍ଷା ଗ୍ରହଣ କରିବା ର ଶକ୍ତି ଅଛି, ଯଦି ଆମେ ସମସ୍ତେ ଏସବୁ ପ୍ରତି ଧ୍ୟାନ ଦେବା ତା'ହେଲେ ଛାତ୍ର ଛାତ୍ରୀ ଉପକୃତ ହେବେ ଏବଂ ସେମାନେ ନିଜକୁ ସୁଦୃଢ଼ କରି ପାରିବେ ।ଆମେ କେବଳ ପିଲାମାନଙ୍କର ଦୋଷ ଦୁର୍ବଳତାକୁ ଦେଖି ନୀରବ ରହିଲେ ହେବ ନାହିଁ । ଅଧିକାଂଶ ସମୟରେ ଦେଖାଯାଏ ଅଭିଭାବକ ମାନେ ପିଲାମାନଙ୍କ ଉପରେ ବିରକ୍ତି ପ୍ରକାଶ କରିଥାନ୍ତି । କିନ୍ତୁ ପ୍ରକୃତ ସମସ୍ୟା କେଉଁଠି ତାହା ଜାଣି ପାରନ୍ତି ନାହିଁ । ପ୍ରତ୍ୟେକ ଛାତ୍ରଛାତ୍ରୀ ହେଉଛନ୍ତି କଞ୍ଚା ମାଟି ସଦୃଶ୍ୟ । ତେଣୁ ସେ ମାଟିକୁ ଆଦର ଯତ୍ନ ସ୍ନେହ ବଳରେ ଗଢ଼ି ମଣିଷ ରୂପ ଦେବାକୁ ପଡ଼ିବ । ଆଦର୍ଶ ଓ ଶୃଙ୍ଖଳିତ ମଣିଷ ଟିଏ ହୋଇ ସମାଜରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ହେଲେ ସମସ୍ତଙ୍କର ସହଯୋଗ ଏକାନ୍ତ କାମ୍ୟ । ଛାତ୍ରଛାତ୍ରୀ ମାନେ ଭଲମନ୍ଦର ବିଚାର ଶକ୍ତି ଯେଉଁଦିନ ବୁଝିପାରିବେ ସେଦିନ ଆମ ସଂସ୍କୃତି ଆମ ସଭ୍ୟତାରେ ନିଶ୍ଚିତ ଭାବେ ପରିବର୍ତ୍ତନ ଆସିବ ।ନିଜ ଜିଲ୍ଲା ଓ ରାଜ୍ୟରେ ସାମାଜିକ ପରିସ୍ଥିତି ଭୌଗୋଳିକ ଅବସ୍ଥିତି କୁ ପ୍ରତ୍ୟେକ ଛାତ୍ରଛାତ୍ରୀ ଜାଣିବା ଏକାନ୍ତ ଆବଶ୍ୟକ । ଏସବୁ ଦିଗରେ ଅଧିକାଂଶ ଛାତ୍ରଛାତ୍ରୀ ବହୁତ ଦୁର୍ବଳ ଥାନ୍ତି । ବହୁତ ସମୟରେ ଦେଖାଯାଏ ଛାତ୍ରଛାତ୍ରୀ ମାନେ ସାହିତ୍ୟ, ସଂସ୍କୃତି, ପରମ୍ପରା, ପର୍ବପର୍ବାଣୀ, ଲୋକକଳା , ଐତିହ୍ୟ ଠାରୁ ଢେର ଦୂରରେ । କୌଣସି ପ୍ରଶ୍ନର ସଠିକ ଉତ୍ତର ସେମାନେ ଦେଇ ପାରନ୍ତି ନାହିଁ । ଯାହା ଦ୍ୱାରା ଆମର ଶିକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ । ଏବଂ ଆମେ ନିଜକୁ ଲଜ୍ଜିତ ମନେ କରୁ । ସମାଜ ର ବିକାଶ ,ରାଷ୍ଟ୍ର ର ବିକାଶ ନିମନ୍ତେ ଆମର ଶିକ୍ଷା ଗ୍ରହଣ କରିବା ଆବଶ୍ୟକ ।ଯେଉଁ ଶିକ୍ଷା ପଦ୍ଧତିରେ ଛାତ୍ରଛାତ୍ରୀ ମାନେ ନିଜର ଜୀବନ ଶୈଳୀକୁ ଖୁବ୍ ସୁନ୍ଦର ଓ ସହଜରେ ଆଗକୁ ନେଇଯାଇ ପାରିବେ ।

ପାଠ ପଢ଼ା ସହିତ ବିଭିନ୍ନ ପ୍ରକାରର ମନୋରଞ୍ଜନକାରୀ କାର୍ଯ୍ୟ ଶିକ୍ଷା ଗ୍ରହଣ କଲେ ପ୍ରତ୍ୟେକ ସ୍ଥାନରେ ନିଜକୁ ପରିଚିତ କରେଇ ପାରିବେ । ନିଜ ପାଖରେ ଯଦି କୌଣସି ଜ୍ଞାନ ନଥାଏ ବା ଶିଖିବାର ଉତ୍କଣ୍ଠା ନଥାଏ ସେ ପିଲାମାନଙ୍କର ଭବିଷ୍ୟତ ଅନ୍ଧକାର ଭିତରକୁ ଆପେ ଆପେ ଠେଲି ହୋଇଯାଏ । ସେମାନଙ୍କ ର ଭଲମନ୍ଦ ର ବିଚାର ଶକ୍ତି ଲୋପ ପାଇଯାଏ ।

ଘର ଠାରୁ ଆରମ୍ଭ କରି ପ୍ରତ୍ୟେକ ଶିକ୍ଷା ଅନୁଷ୍ଠାନ ର ଗୁରୁଜନଙ୍କ ପ୍ରଥମ କର୍ତ୍ତବ୍ୟ ରହିଛି,ଯେଉଁ କର୍ତ୍ତବ୍ୟ ସମ୍ପାଦନ ର ଅବହେଳା ଯୋଗୁଁ ଛାତ୍ରଛାତ୍ରୀ ମାନେ ନିଜ ପାଖରେ ବା ନିଜ ଭିତରେ ଥିବା ଗୁଣବତ୍ତା କୁ ଅନ୍ୟ ଆଗରେ ଉଚିତ ମାର୍ଗରେ ପରିବେଷଣ କରିନପାରି ବା ଉପସ୍ଥାପନ କରିନପାରି ନିଜକୁ ଦୁର୍ବଳ ମନେକରି ଥାନ୍ତି । ତେଣୁ ନିର୍ଦ୍ଦିଷ୍ଟ ସମୟ ଅନୁସାରେ ବିଶେଷ ଗୁରୁତ୍ୱ ଦେଇ ଏସବୁ ଦିଗରେ ପଦକ୍ଷେପ ନେଲେ ଛାତ୍ରଛାତ୍ରୀ ମାନେ ପ୍ରତ୍ୟେକ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ସୁନାମ ଅର୍ଜନ କରିବାକୁ ପଛେଇବେ ନାହିଁ । ଆମ ଭବିଷ୍ୟତର ଦାୟାଦ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଆମ ମାନଙ୍କ ହାତରେ ଅଛି ତେଣୁ ସମସ୍ତ ବାପା ମା' ଓ ଶିକ୍ଷାନୁଷ୍ଠାନ ଏଥିପ୍ରତି ସଚେତନ ହୁଅନ୍ତୁ ପିଲା ମାନଙ୍କ ର ଭବିଷ୍ୟତ କୁ ଦୃଷ୍ଟି ଦିଅନ୍ତୁ । ଆଜିର ଛାତ୍ର ସମାଜ କାଲିର ଉଜ୍ଜ୍ୱଳ ଭବିଷ୍ୟତ ହୋଇ ଆଦର୍ଶ ରାଷ୍ଟ୍ର ନିର୍ମାଣ ରେ ସହାୟକ ହୋଇପାରିବେ ।

*କାଏଣ୍ଟା, ବାଲେଶ୍ୱର*
*୮୯୧୭୫୭୧୨୦୨*

# ୩,୩୫୩ କୋଟି ଟଙ୍କା ପୁଞ୍ଜିନିବେଶକୁ ମଞ୍ଜୁରୀ



ବାଦଲ ଭୂୟାଁ

ଓଡ଼ିଶା ରାଜ୍ୟ ସ୍ଥାପନର ଶହେ ବର୍ଷ ପୂର୍ତ୍ତି ୨୦୩୬ରେ ପୂରଣ ହେବାକୁ ଯାଉଥିବାବେଳେ ରାଜ୍ୟକୁ ସମଗ୍ର ଦେଶରେ ଏକ ସମୃଦ୍ଧ, ସଶକ୍ତ ଓ ଦ୍ରୁତ ଅଗସର ପଥରେ ନେବାକୁ ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି । ପୂର୍ବ ଭାରତର ବିକାଶ ଇଞ୍ଜିନ ଭାବେ ଓଡ଼ିଶା କାର୍ଯ୍ୟ କରିବା ସହ ଗତ ବର୍ଷ ତୁଳନାରେ ଏ ବର୍ଷ କେନ୍ଦ୍ର ସରକାର ଓଡ଼ିଶାକୁ ଅଧିକ ୩୦ ପ୍ରତିଶତ ଅଧିକ ବଜେଟ ଦେଇଛନ୍ତି । ନିକଟରେ ଓଡ଼ିଶା ସରକାର ୧୩୨ ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଏହି ଅନୁମୋଦନ ମିଳିଛି । ଏହା ଫଳରେ ୪୬୩୭ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ନୂତନ ଭାବେ ଅନୁମୋଦିତ ପ୍ରକଳ୍ପଗୁଡ଼ିକର ଅଧିକ ପ୍ରଭାବୀ ବିଭିନ୍ନ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ଏକ ବିବିଧ ଶିଳ୍ପ ଇକୋସିଷ୍ଟମ ସୃଷ୍ଟି ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ଦର୍ଶାଉଛି । ରାସାୟନିକ ତଥା ନବୀକରଣଯୋଗ୍ୟ ଶକ୍ତି, ଇସ୍ପାତ ଡାଉନଷ୍ଟ୍ରିମ, ଆଲୁମିନିୟମଷ୍ଟ୍ରିମ, ଖାଦ୍ୟ ପ୍ରକ୍ରିୟାକରଣ, ମାନୁଫକ୍ଚରିଂ, ଟେକ୍ସଟାଇଲ ଏବଂ ଆପେରେଲ, ପର୍ଯ୍ୟଟନ, ଫାର୍ମାସ୍ୟୁଟିକାଲ୍ସ ଏବଂ ସିମେଣ୍ଟ କ୍ଷେତ୍ରରେ ପୁଞ୍ଜିନିବେଶ କରି ଓଡ଼ିଶା ଶିଳ୍ପ ଅଭିବୃଦ୍ଧି ପାଇଁ ଏକ ପ୍ରମୁଖ ଲକ୍ଷ୍ୟସ୍ଥଳ ଭାବେ ନିଜକୁ ପ୍ରତିଷ୍ଠିତ କରୁଛି । ଅନୁମୋଦନ ଲାଭ କରିଥିବା ଏହି ସମସ୍ତ ପ୍ରକଳ୍ପ କୋରାପୁଟ, ଖୋର୍ଦ୍ଧା, ବରଗଡ଼, ପୁରୀ, କଟକ ଓ ଝାରସୁଗୁଡ଼ା ସମେତ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକାରୀ ହେବ । ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟରେ ଅର୍ଥନୈତିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ସଙ୍ଗେ ସଙ୍ଗେ ଏକ ସୁଦୃଢ଼ ଶିଳ୍ପ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଦିଗରେ ଓଡ଼ିଶାର ନିରନ୍ତର ଧ୍ୟାନ ରହିଥିବା ପ୍ରତିଫଳିତ କରୁଛି ।

ରାସାୟନିକ ତଥା ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ରିଲାଏନ୍ସ ବାୟୋ ଏନର୍ଜି ଲିମିଟେଡ ପୁରୀରେ କମ୍ପ୍ରେସ୍ଡ ବାୟୋ ଗ୍ୟାସ ଓ ଫର୍ମେଣ୍ଟେଡ ଜୈବିକ ସାର କାରଖାନା ସ୍ଥାପନ କରିବ । ୧୨୧.୨୧ କୋଟି ଟଙ୍କା ପୁଞ୍ଜିନିବେଶ ବିଶିଷ୍ଟ ଏହି କ୍ଷେତ୍ରରେ ୬୯ ନିଯୁକ୍ତି ସୃଷ୍ଟି ହେବା ସହିତ ଏଥିରେ ରାଜ୍ୟର ନିରନ୍ତର ଏବଂ ଅକ୍ଷୟ ଶକ୍ତି ଉତ୍ସ ଉପରେ ଗୁରୁତ୍ୱ ରହିଛି । ଇସ୍ପାତ କ୍ଷେତ୍ରରେ କଟକରେ ବିକେ ଷ୍ଟିଲ ଇଣ୍ଡଷ୍ଟ୍ରିଜ ଲିମିଟେଡ ଏହାର ପ୍ରକଳ୍ପକୁ ଅଧିକ ସମ୍ପ୍ରସାରଣ କରିବ, ଯେଉଁଥିରେ ସ୍ପଞ୍ଜ ଆଇରନ, ବିଲେଟ, ଫେରୋଆଲଏଜ, ସିଣ୍ଟର ପ୍ଲାଣ୍ଟ ଏବଂ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ସମେତ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ୪୫୦ କୋଟି ଟଙ୍କା ବିନିଯୋଗ କରିବ । କେବଳ ଏହି ପ୍ରକଳ୍ପ ୮୦୦ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବ ବୋଲି ଆକଳନ କରାଯାଇଛି, ଯାହା ଓଡ଼ିଶାର ଇସ୍ପାତ ଉତ୍ପାଦନ କ୍ଷମତାରେ ଉଲ୍ଲେଖନୀୟ ଉନ୍ନତି ଆଣିବ । ଏଚ ଏମ ପାୱାର ଆଣ୍ଡ କେବଲ୍ସ ପ୍ରାଇଭେଟ ଲିମିଟେଡ ଝାରସୁଗୁଡ଼ାରେ ଏକ ଆଲୁମିନିୟମ କଣ୍ଡକ୍ଟର, ପାୱାର କେବୁଲ ଏବଂ ତାର ଉତ୍ପାଦନ କାରଖାନା ପ୍ରତିଷ୍ଠା କରୁଥିବାରୁ ଡାଉନଷ୍ଟ୍ରିମ ଆଲୁମିନିୟମ କ୍ଷେତ୍ରକୁ ମଧ୍ୟ ପ୍ରୋତ୍ସାହନ ମିଳୁଛି । ୫୫.୭୨ କୋଟି ଟଙ୍କାର ଏହି ପ୍ରକଳ୍ପ ୨୦୫ ଜଣ ନିଯୁକ୍ତି ପାଇବେ ବୋଲି ଆଶା କରାଯାଉଥିବା ବେଳେ ଓଡ଼ିଶାର ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦନ ବୃଦ୍ଧି ଏବଂ ଓଡ଼ିଶାର ସମୃଦ୍ଧ ଖଣିଜ ସମ୍ପଦ ଉପରେ ନିର୍ଭର କରୁଥିବା ଶିଳ୍ପଗୁଡ଼ିକୁ ସହାୟତା କରିବା ପାଇଁ ଏହା ଓଡ଼ିଶାର ରଣନୀତି ସହ ଯୋଡ଼ି ହୋଇଛି । ଏହା ବ୍ୟତୀତ ଖୋର୍ଦ୍ଧାରେ ନେକ୍ସଟ ଥର୍ମାଲ ଏସିଆ ପ୍ରାଇଭେଟ ଲିମିଟେଡ ୫୫.୮୧ କୋଟି ଟଙ୍କା ବିନିଯୋଗରେ ୧୩୨ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଏକ ହଟିଂ ଏଲିମେଣ୍ଟସ ଉତ୍ପାଦନ ୟୁନିଟ ସ୍ଥାପନ କରିବ, ଯାହାକି ଇସ୍ପାତ ଶିଳ୍ପ ଉପରେ ନିର୍ଭରଶୀଳ ଆନୁସଙ୍ଗିକ ଇସ୍ପାତ ଶିଳ୍ପକୁ ଅତ୍ୟାବଶ୍ୟକ ଉପାଦାନ ଯୋଗାଇଦେବ । ଭୁବନେଶ୍ୱରୀ ଫୁଡ୍ସ ଆଣ୍ଡ ବିଭରେଜ ପ୍ରାଇଭେଟ ଲିମିଟେଡ ଅବନ ବିଭରେଜ ପ୍ରାଇଭେଟ ଲିମିଟେଡ, ଜିଓଫାଷ୍ଟ କଞ୍ଜ୍ୟୁମର ପ୍ରଡକ୍ଟସ ପ୍ରାଇଭେଟ ଲିମିଟେଡ ଏବଂ ଆଭିରା ଡିଷ୍ଟିଲେରୀ ପ୍ରାଇଭେଟ ଲିମିଟେଡର ପ୍ରକଳ୍ପ ସହ ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ପୁଞ୍ଜିନିବେଶ ଆକୃଷ୍ଟ ହେବାରେ ଲାଗିଛି । ଖୋର୍ଦ୍ଧା, ବରଗଡ଼ ଓ କଟକରେ ଥିବା ଏହି ପ୍ରକଳ୍ପଗୁଡ଼ିକରେ ପ୍ରାୟ ୧୫୪୨.୦୪ କୋଟି ଟଙ୍କା ପୁଞ୍ଜିନିବେଶରେ ୧୩୫୮ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି । ଏହି ଖାଦ୍ୟ ଓ ପାନୀୟ ଉତ୍ପାଦନ ୟୁନିଟର ସ୍ଥାପନ ଗ୍ରାମୀଣ ବିକାଶ ଏବଂ ନିଯୁକ୍ତି ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ଖାଦ୍ୟ ପ୍ରକ୍ରିୟାକରଣର ଏକ କେନ୍ଦ୍ର ଭାବରେ ଓଡ଼ିଶାର ଖ୍ୟାତିକୁ ସୁଦୃଢ଼ କରିବ । ଟେକ୍ସଟାଇଲ ଆଣ୍ଡ ଆପେରେଲ କ୍ଷେତ୍ରରେ ଓଡ଼ିଶା ଟେକ୍ସଟାଇଲର ମ୍ୟାନୁଫାକଚରିଂ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଖୋର୍ଦ୍ଧାରେ ଟେକ୍ସଟାଇଲର ବର୍ଜ୍ୟବସ୍ତୁରୁ ପୁନଃ ବ୍ୟବହାରକ୍ଷମ ସୂତା ଉତ୍ପାଦନ ପାଇଁ ଏକ କାରଖାନା ସ୍ଥାପନ କରାଯାଉଛି । ୫୧.୮୦ କୋଟି ଟଙ୍କାର ଏହି ପଦକ୍ଷେପ ଏବଂ ୫୩୫ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଥିବାବେଳେ ବୟନ ଶିଳ୍ପ କ୍ଷେତ୍ରରେ ପ୍ରତି ରାଜ୍ୟର ଏହା ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି । ପର୍ଯ୍ୟଟନ କ୍ଷେତ୍ରରେ ଆଇଟିସି ଲିମିଟେଡ ୧୧୯.୧୪ କୋଟି ଟଙ୍କା ବିନିଯୋଗରେ ଭୁବନେଶ୍ୱରରେ ନିଜର ପଞ୍ଚତାରକା ହୋଟେଲ ୱେଲକମ ହୋଟେଲର ସମ୍ପ୍ରସାରଣ କରିବ ଏବଂ ଅତିରିକ୍ତ ୨୪୦ ନିଯୁକ୍ତି ପ୍ରଦାନ କରିବ । ଏସଜେ ଜେଆରଜି ଭେଞ୍ଚର୍ସ ଏଲଏଲପି କ୍ରାକର୍ସ ଇଣ୍ଡିଆ ଇନଫ୍ରାଷ୍ଟ୍ରକଚର୍ସ ଲିମିଟେଡ ଦ୍ୱାରା ପର୍ଯ୍ୟଟନ ସମ୍ବନ୍ଧୀୟ ଅତିରିକ୍ତ ପ୍ରକଳ୍ପ, ପୁରୀ ଏବଂ କୋରାପୁଟରେ ନୂତନ ଆତିଥେୟତା ସୁବିଧା ଆଣିବ ଏବଂ ଏଥିପାଇଁ ମୋଟ ୧୫୪ କୋଟି ଟଙ୍କାର ପୁଞ୍ଜିନିବେଶ ଏବଂ ୩୮୦ ନିଯୁକ୍ତି ସୃଷ୍ଟି କରିବ । ଏହା ବିକାଶ ଓଡ଼ିଶାର ଅର୍ଥନୈତିକ ଓ ସାଂସ୍କୃତିକ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ସହ ପର୍ଯ୍ୟଟନସ୍ଥଳୀ ଭାବେ ଓଡ଼ିଶାର ଆକର୍ଷଣ ବୃଦ୍ଧି କରିବ ବୋଲି ଆଶା କରାଯାଉଛି । ଫାର୍ମାସ୍ୟୁଟିକାଲ୍ସରେ ଇପଫୁନେକ୍ସ ହେଲଥକେୟାର ପ୍ରାଇଭେଟ ଲିମିଟେଡ ୫୯.୪୩ କୋଟି ଟଙ୍କା ନିବେଶରେ କଟକରେ ଇଣ୍ଟ୍ରାଭେନସ ଫ୍ଲୁଇଡ ଉତ୍ପାଦନ ପାଇଁ ଦ୍ୱିତୀୟ ୟୁନିଟ ସ୍ଥାପନ କରିବ ଏବଂ ଏହାଦ୍ୱାରା ୧୮୨ ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବ । ଅଲ୍ଟ୍ରା ଟେକ ସିମେଣ୍ଟ ଲିମିଟେଡର ପ୍ରକଳ୍ପ ଅନୁମୋଦନ ମିଳିବା ପରେ ଓଡ଼ିଶାର ସିମେଣ୍ଟ ଉତ୍ପାଦନ କ୍ଷମତା ବୃଦ୍ଧି ପାଇ କଟକରେ ଏହାର ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ୩ ଏମଟିପିଏରୁ ୬ ଏମଟିପିଏକୁ ବୃଦ୍ଧି ପାଇବ । ୩୭୨ କୋଟି ଟଙ୍କାର ଏହି ସମ୍ପ୍ରସାରଣ ପ୍ରକଳ୍ପ ୫୮୧ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି ଏବଂ ଏହା ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ପ୍ରକଳ୍ପ ଗୁଡ଼ିକ ସମଗ୍ର ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକାରୀ କରାଯିବା ପାଇଁ ପ୍ରତିବଦ୍ଧତ, ଯାହାର ସାମୂହିକ ପୁଞ୍ଜିନିବେଶ ମୂଲ୍ୟ ୩୩୫୩.୧୫ କୋଟି ଟଙ୍କା ଏବଂ ଏଥିରେ ୪୬୩୭ ନିଯୁକ୍ତି ସୃଷ୍ଟି ପାଇଁ ପ୍ରତିଶ୍ରୁତି ଦିଆଯାଇଛି । ଓଡ଼ିଶାରେ ରାଜ୍ୟବ୍ୟାପୀ ଅର୍ଥନୈତିକ ଅଭିବୃଦ୍ଧି ଓ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ଏକାଧିକ କ୍ଷେତ୍ରରେ ବିପୁଳ ପୁଞ୍ଜିନିବେଶ ସୁବିଧା କରାଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ସହ ରାଜ୍ୟକୁ ବିଶ୍ୱର ଏକ ପସନ୍ଦର ନିବେଶ ସ୍ଥଳ ଭାବରେ ପରିଣତ ପାଇଁ ଲକ୍ଷ୍ୟ ରଖିଛନ୍ତି ।

*୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭- ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୯୨୦୪୬୫୨୦୬୫*

# ଚର୍ଚ୍ଚାରେ ବୈଷୟିକ ଶିକ୍ଷା



ବିକ୍ରମ ଦାଶ

ଆଜିର ସମୟକୁ ଟିକିଏ ଭଲ ଭାବେ ଦେଖନ୍ତୁ । ଦିନକୁ ଦିନ ବୈଷୟିକ ଶିକ୍ଷା ପ୍ରତି ପିଲାଙ୍କର ଗୋଟିଏ ପଟରେ ଆଗ୍ରହ ବଢୁଥିବାବେଳେ ଅନ୍ୟ ପଟେ ବୈଷୟିକ ଶିକ୍ଷାର ମାନକୁ ନେଇ ଅନେକ ପ୍ରଶ୍ନ ମଧ୍ୟ ଉଠୁଛି । ପିଲାମାନଙ୍କ ଭିତରେ ଯୁଗପୋଯୋଗୀ ବୈଷୟିକ ଶିକ୍ଷା ପ୍ରତି ଆଗ୍ରହ ବଢ଼ିବା ନିଶ୍ଚିନ୍ତ ଭାବରେ ଖୁସିର କଥା । ଦେଶରେ ଗତ କିଛି ବର୍ଷ ଧରି ସ୍ନାତକ ବୈଷୟିକ ଓ ପ୍ରଯୁକ୍ତି ପାଠ୍ୟକ୍ରମ ବି ଟେକରେ ଆସନ ସଂଖ୍ୟା ହ୍ରାସ ପାଉଥିଲାବେଳେ ୨୦୨୪-୨୫ ଶିକ୍ଷା ବର୍ଷରେ ୧୮-୮୪ ଶତାଂଶ ବୃଦ୍ଧି ହେବା ଏ କ୍ଷେତ୍ରରେ ନୂଆ ଆଶା ସଞ୍ଚାର କରିବା ସ୍ୱାଭାବିକ । ଅଲ ଇଣ୍ଡିଆ କାଉନସିଲ ଫର ଟେକନିକାଲ ଏଜୁକେସନର ତଥ୍ୟ ଅନୁଯାୟୀ ୨୦୨୧-୨୨ରେ ଦେଶର ଇଞ୍ଜିନିୟରିଂ କଲେଜ ଗୁଡ଼ିକରେ ଆସନ ସଂଖ୍ୟା ସର୍ବନିମ୍ନ ସ୍ତରକୁ ହ୍ରାସ ପାଇ ୧୨ ଲକ୍ଷ ୫୪ ହଜାରରେ ପହଞ୍ଚିଥିଲା କିନ୍ତୁ ଏହା ୨୦୨୪-୨୫ରେ ୧୪ ଲକ୍ଷ ୯୦ ହଜାରକୁ ବୃଦ୍ଧି ପାଇଛି । ଗତ ଦଶନ୍ଧିରେ ବିଭିନ୍ନ କାରଣରୁ ପ୍ରାୟ ପ୍ରତି ବର୍ଷ ଆସନ ସଂଖ୍ୟା ହ୍ରାସ ପାଇ ଆସୁଥିଲାବେଳେ ଏ ବୃଦ୍ଧି ନିଶ୍ଚୟ ଉତ୍ସାହଜନକ ।

ଲ୍ଲେଖଯୋଗ୍ୟ ଯେ ଗତ ଦଶନ୍ଧିରେ ଚାହିଦା ଅଭାବରୁ ବହୁ ଇଞ୍ଜିନିୟରିଂ କଲେଜ ବନ୍ଦ ହୋଇଯାଇଥିଲା । ଏସବୁ କଲେଜର ନିୟାମକ ସଂସ୍ଥା ଏଆଇସିଟିଇ ନିୟମକାନୁନର ଅନୁପାଳନ କରୁ ନଥିବା ବହୁ କଲେଜକୁ ଅନୁମତି ଦେଇଥିବା ଫଳରେ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା କହିଲେ ଭୁଲ ହେବନାହିଁ । ଉପଯୁକ୍ତ ଭିତ୍ତିଭୂମି, ପରୀକ୍ଷାଗାର, ତାଲିମପ୍ରାପ୍ତ ଶିକ୍ଷକ/ ଅଧ୍ୟାପକ ନଥିବା ସତ୍ତ୍ୱେ ବହୁ କଲେଜ କେବଳ ବ୍ୟାବସାୟିକ ଲାଭ ପାଇଁ ଖୋଲାଯାଇଥିଲା । ସମ୍ଭବତଃ ଏହାକୁ ଦୃଷ୍ଟିରେ ରଖି ଏଆଇସିଟିଇ ସ୍ପଷ୍ଟ ଭାବେ କହିଛି ଯେ ଯେଉଁ ଶିକ୍ଷାନୁଷ୍ଠାନରେ ଉପଯୁକ୍ତ ଭିତ୍ତିଭୂମି ଓ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଥିବେ ସେଠାରେ ହିଁ ଆସନ ସଂଖ୍ୟା ବୃଦ୍ଧି କରାଯିବ ।

ଗତ ଦଶନ୍ଧିରେ ବୈଷୟିକ ଶିକ୍ଷାକୁ ନେଇ ଅନେକ ନକାରାତ୍ମକତା ମଧ୍ୟ ଦେଖିବାକୁ ମିଳିଥିଲା । ଏକାଧିକ ରିପୋର୍ଟରୁ ଜଣାଯାଇଥିଲା ଯେ ଅଧିକାଂଶ ବୈଷୟିକ ଶିକ୍ଷାନୁଷ୍ଠାନ ଯେଉଁ ପାଠ ପଢ଼ାନ୍ତି, ତାହା ବାସ୍ତବ କ୍ଷେତ୍ରରେ ବା ଚାକିରି ପାଇଁ ଅନୁପଯୋଗୀ । ତେଣୁ ପ୍ରାୟ ୩୦ ଶତାଂଶ ବୈଷୟିକ ଛାତ୍ରଛାତ୍ରୀଙ୍କୁ କାମ ମିଳିନଥାଏ । ଗତବର୍ଷ ନୀତି ଆୟୋଗର ଉପାଧ୍ୟକ୍ଷ ରାଜୀବ କୁମାର ଏଭଳି ବେକାର ଇଞ୍ଜିନିୟରଙ୍କ ସଂଖ୍ୟା ୪୮ ଶତାଂଶ ବୋଲି କହିଥିଲେ । ଯାହା ସତ୍ୟ ହୋଇଥିଲେ ନିଶ୍ଚିତ ଉଦବେଗଜନକ । ଏ କଥା ସତ ଯେ ବିଶ୍ୱରେ ପ୍ରତିବର୍ଷ ସବୁଠୁ ବେଶି ଇଞ୍ଜିନିୟର ଭାରତରୁ ହିଁ ବାହାରନ୍ତି କିନ୍ତୁ ସେମାନଙ୍କ ଠାରୁ ଯେଉଁ କୌଶଳ ଓ ଦକ୍ଷତା ଆଶା କରାଯାଏ ତାହା ମିଳେ ନାହିଁ । ଏଥିପାଇଁ ମୁଖ୍ୟତଃ ଶିକ୍ଷା ବ୍ୟବସ୍ଥା ଓ ନିୟାମକ ସଂସ୍ଥା ଯେ ଦୋଷୀ, ତାହା କହିବା ନିଷ୍ପ୍ରୟୋଜନ । ଅଧିକାଂଶ ବୈଷୟିକ ଶିକ୍ଷାନୁଷ୍ଠାନରେ ବ୍ୟାବହାରିକ ପ୍ରଶିକ୍ଷଣ ଦିଆଯାଏ ନାହିଁ । ଯାହା ଇଞ୍ଜିନିୟରିଂ ଭଳି ପ୍ରାୟୋଗିକ ବିଜ୍ଞାନର ଏକ ମୌଳିକ ଆବଶ୍ୟକତା । ଏହା ବ୍ୟତୀତ ଭାରତରେ ଗବେଷଣା ଓ ବିକାଶ କ୍ଷେତ୍ର ସବୁଠୁ ବେଶ ଅବହେଳିତ ଯାହା ଗୁଣାତ୍ମକ କୌଶଳ ବୃଦ୍ଧି ସକାଶେ ନିହାତି ଜରୁରୀ । ଅପରପକ୍ଷେ ବୈଷୟିକ ଶିକ୍ଷାରେ ଅତ୍ୟାଧୁନିକ ବିଷୟବସ୍ତୁ ସଂଯୋଗର ସମୟ ଉପଗତ । ସଂପ୍ରତି କୃତ୍ରିମ ବୁଦ୍ଧିମତା, ଡେଟା ସାଇନ୍ସ, ରୋବୋଟିକ୍ସ, ସାଇବର ସୁରକ୍ଷା ଭଳି ବିଭିନ୍ନ ବିଷୟ ପଢ଼ାଯିବାର ଆବଶ୍ୟକତା ଅନୁଭୂତ ହେଉଛି । ଅବଶ୍ୟ ଏଆଇସିଟିଇର ସଦ୍ୟ ନିର୍ଦ୍ଦେଶାବଳୀ ଏହା ଉପରେ ଗୁରୁତ୍ୱାରୋପ କରିଛି ଯାହା ଜାତୀୟ ଶିକ୍ଷା ନୀତି ୨୦୨୦ର ଲକ୍ଷ୍ୟ ଅନୁରୂପ । ତେବେ ଏସବୁ ଅତ୍ୟାଧୁନିକ ଜ୍ଞାନକୌଶଳର ଶିକ୍ଷା ଦେବା ପାଇଁ ଯେଉଁ ଭିତ୍ତିଭୂମି ଆବଶ୍ୟକ ତାହା ପ୍ରଥମେ ସୁନିଶ୍ଚିତ କରାଯିବା ଦରକାର । ଶିକ୍ଷାନୁଷ୍ଠାନ ଛୋଟ ହେଉ କି ବଡ଼ ଦକ୍ଷ ଶିକ୍ଷକ ହିଁ ସେଠାକାର ଛାତ୍ରଛାତ୍ରୀଙ୍କ ପାଇଁ ଅସଲ ଜ୍ଞାନକେନ୍ଦ୍ର । ତେଣୁ ତାଲିମପ୍ରାପ୍ତ ଶିକ୍ଷକଙ୍କୁ ପ୍ରତ୍ୟେକ ବୈଷୟିକ ଶିକ୍ଷାନୁଷ୍ଠାନରେ ନିଯୁକ୍ତି ଦିଆଯିବା ଅପରିହାର୍ଯ୍ୟ । ଆବଶ୍ୟକ ହେଲେ ଆଇଆଇଟି ଭଳି ଦେଶର ଶ୍ରେଷ୍ଠ ବୈଷୟିକ ଶିକ୍ଷାନୁଷ୍ଠାନର ବିଶେଷଜ୍ଞଙ୍କୁ ଅନ୍ୟ କଲେଜର ଶିକ୍ଷକଙ୍କୁ ଶିକ୍ଷା ତାଲିମ ଦେବାର ବ୍ୟବସ୍ଥା କରାଯାଇପାରେ । ସ୍ମରଣଯୋଗ୍ୟ ଯେ କିଛି ବର୍ଷ ତଳେ ଓଡ଼ିଶାର କେତେକ ପ୍ରମୁଖ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନ ନାଁରେ ପ୍ରେସମେଣ୍ଟ ଠକେଇ, ଅଧିକ ଫି ଆଦାୟ ଓ ଅନ୍ୟାନ୍ୟ ଶୋଷଣ କରାଯାଉଥିବା ଭଳି ସଂଗୀନ ଅଭିଯୋଗ ଆସିଥିଲା ଏବଂ ଏହାର ପ୍ରମାଣ ମଧ୍ୟ ମିଳିଥିଲା । ତେଣୁ ଏଆଇସିଟିଇ ଏଭଳି ଅନିୟମିତତାକୁ ଉପେକ୍ଷା ନକରି ଅବିଳମ୍ବେ ଦୋଷୀ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବାଞ୍ଛନୀୟ ।

*ରୋଟାରୀ କ୍ଲବ, କଟକ - ବାରବାଟୀ, ସିଡ଼ିଏ, କଟକ*

# ସନାତନୀ ସଂସ୍କୃତିର ବରଦାନ ଯୋଗ ଓ ପ୍ରାଣାୟାମ



ପ୍ରଦୀପ୍ତ କୁମାର ଜେନା

ଯୋଗ ଅର୍ଥ ଆତ୍ମା ଓ ପରମାତ୍ମାର ମିଳନ । ପ୍ରାଣାୟାମ୍ ଅର୍ଥ ପ୍ରାଣ+ଯାମ୍ । ପ୍ରାଣ ଅର୍ଥ ଋଭରକ୍ୱଶଜ ଏବଂ ଯାମ୍ ଅର୍ଥ ସଂଯମ । ଏହାକୁ ଭକ୍ୱରବଷ୍ପଷସଭଶ ମକ୍ଟଭଷ୍ପକ୍ୱକ୍ଷ କୁହାଯାଇଥାଏ । ଯୋଗକୁ ଚାରିଭାଗରେ ବିଭକ୍ତ କରାଯାଇପାରେ, ଯଥା–ଭକ୍ତିଯୋଗ, କର୍ମଯୋଗ, ଜ୍ଞାନଯୋଗ ଏବଂ କ୍ରିୟାଯୋଗ । ଯୋଗ ଓ ପ୍ରାଣାୟାମ ଦ୍ୱାରା ସାଧକ ବା ଯୋଗୀ ତା'ର କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରି ଷଡ଼ଚକ୍ର ଭେଦ କରି ସମାଧି ଅବସ୍ଥାକୁ ଯାଇଥାଏ ଓ ସେଠାରେ ସେ ପରମାତ୍ମାଙ୍କ ସହିତ ଯୋଗ ହୋଇଥାଏ । ସନାତନ ସଂସ୍କୃତିରେ ଅନେକ ସନ୍ଥ ଓ ସନ୍ନ୍ୟାସୀମାନେ ଭିନ୍ନ ଭିନ୍ନ ଉପାୟରେ ଯୋଗ ସାଧନ କରି ପରମାତ୍ମାଙ୍କ ସହିତ ଏକାକାର ହୋଇଛନ୍ତି । ଯୋଗର ଲକ୍ଷ ହିଁ ପରମାତ୍ମାଙ୍କ ସହିତ ମିଳିତ ହେବା । ହଠ ଯୋଗରେ ଯୋଗୀ ଭିଭିନ୍ନ ଆସନ ମାଧ୍ୟମରେ ନିଜ ଶରୀରକୁ କଷ୍ଟ ଦେଇ ପ୍ରାଣାୟାମ ଓ ଧ୍ୟାନ କରି ସମାଧି ଅବସ୍ଥାକୁ ଯାଇଥାଏ । କ୍ରିୟା ଯୋଗରେ ଶରୀରର ଅନ୍ତଃକରଣ ଓ ଆତ୍ମାର ଶୁଦ୍ଧି ଉପରେ ଗୁରୁତ୍ୱ ଦେଇ ଯୋଗ ଓ ପ୍ରାଣାୟାମ କରାଯାଇଥାଏ । କର୍ମ ଯୋଗରେ ଯୋଗୀ ନିଜର ସମସ୍ତ କର୍ମକୁ ଭଗବାନଙ୍କୁ ସମର୍ପଣ କରିଦେଇଥାଏ, ଯାହାକୁ ଆକର୍ମ ବା ନିଷ୍କାମ କର୍ମ କୁହାଯାଏ । ଭାଗବତରେ ଉଲ୍ଲେଖ ଅଛି 'ଆକର୍ମେ ବାସୁଦେବ ପ୍ରୀତି' । କର୍ମ କଲେ କ୍ଷୟ ଯାଆନ୍ତି । ଆକର୍ମ ବା ନିଷ୍କାମ କର୍ମ କଲେ ଭଗବାନଙ୍କ ସହିତ ଯୋଗୀ ଏକାକାର ହୋଇ ଯାଇଥାଏ । ସେହିଭଳି ଯୋଗୀ ଭକ୍ତି ମାର୍ଗରେ ଯାଇ ନିଜକୁ ଯେତେବେଳେ ସମ୍ପୂର୍ଣ୍ଣ ଭାବେ ଭଗବାନଙ୍କ ନିକଟରେ ସମର୍ପଣ କରିଦିଏ ଓ ସେ ସବୁ ସ୍ଥାନରେ ସେହି ପ୍ରେମମୟ ପୁରୁଷକୁ ଦେଖେ ସେତେବେଳେ ସେ ଭଗବାନଙ୍କ ସହିତ ଏକାକାର ହେଇଯାଏ । ସନ୍ଥ ବିନୋବା ଭାବେ ଓ ବାବା ଅମ୍ଟେ କର୍ମଯୋଗୀ ଥିଲେ । ଆଦି ଶଙ୍କରାଚାର୍ଯ୍ୟ ଓ ରମଣ ମହର୍ଷି ଜ୍ଞାନ ଯୋଗୀ ଥିଲେ । ମୀରାବାଈ ଓ ଶ୍ରୀ ଚୈତନ୍ୟ ଦେବ ଭକ୍ତି ମାର୍ଗରେ ଭଗବାନଙ୍କ ସହିତ ମିଶିଯାଇଥିଲେ । ପରମହଂସ ହରିହର ନନ୍ଦ ବାବାଜୀ ମହାରାଜ, ଯୁକ୍ତେଶ୍ୱର ମହାରାଜ ପ୍ରଭୃତି କ୍ରିୟାଯୋଗ ମାଧ୍ୟମରେ ଭଗବତ୍ ପ୍ରାପ୍ତି ହୋଇଥିବାର କୁହାଯାଏ । ଆତ୍ମା ପରମାତ୍ମାଙ୍କ ଅଂଶ ବିଶେଷ । ପ୍ରତ୍ୟେକ ଜୀବର ଶରୀରରେ ଆତ୍ମା ଓ ପରମାତ୍ମା ଅବସ୍ଥାନ କରିଛନ୍ତି । ଆତ୍ମା ଇନ୍ଦ୍ରୀୟ ଓ ମନର ପ୍ରଭାବରେ ପ୍ରଭାବିତ ହୋଇ କଳୁଷିତ ହୋଇଥାଏ । କିନ୍ତୁ ପରମାତ୍ମା ସବୁ ଦେଖୁଥା'ନ୍ତି । କୌଣସି ଭଲ କିମ୍ବା ମନ୍ଦ କର୍ମରେ ସେ ଭାଗିଦାର ହୋଇନଥା'ନ୍ତି । ଭାଗବତରେ ଉଲ୍ଲେଖ ଅଛି ଆମ ଶରୀର ରୂପକ ବୃକ୍ଷରେ ଦୁଇଟି ପକ୍ଷୀ ବସିଛନ୍ତି । ଗୋଟିଏ ପକ୍ଷୀ ଭୁଞ୍ଜୁଛି ଓ ଅନ୍ୟ ପକ୍ଷୀଟି ଭୁଞ୍ଜୁନାହିଁ । ଅର୍ଥାତ ସେ ଜୀବର କର୍ମ ଫଳରେ ଭାଗିଦାର ନୁହେଁ । ଯୋଗ ଓ ପ୍ରାଣାୟାମ ମାଧ୍ୟମରେ ମଣିଷର ଆତ୍ମା ପରମାତ୍ମା ସହିତ ମିଳିତ ହୋଇପାରିବ । ତାହା କିନ୍ତୁ ଏତେ ସହଜ ବ୍ୟାପାର ନୁହେଁ । ଶହଶହ ବର୍ଷ ଯୋଗ ତପସ୍ୟା କରି ଯୋଗୀମାନେ ଭଗବାନଙ୍କ ସାନ୍ନିଧ ଲାଭ କରିପାରିନାହାନ୍ତି । ଯୋଗ ଭାରତୀୟ ସଂସ୍କୃତିର ଏକ ଅଙ୍ଗ । ଭଗବାନ ଶଙ୍କର ଜଣେ ମହାନ୍ ଯୋଗୀ ଥିଲେ । ପ୍ରାୟ ସମୟରେ ସେ ଯୋଗରେ ନିମଗ୍ନ ରହୁଥିଲେ । ଭଗବାନଙ୍କ ନିର୍ଦ୍ଦେଶରେ ବ୍ରହ୍ମା ସୃଷ୍ଟି ସର୍ଜନା ପାଇଁ ପ୍ରଥମେ ଚାରିଜଣ ମାନସ ପୁତ୍ର ଯଥା– ସନକ, ସନନ୍ଦନ, ସନାତନ ସନତ୍ କୁମାରଙ୍କୁ ସୃଷ୍ଟିକରୀ ସେମାନଙ୍କୁ ମଣିଷମାନଙ୍କୁ ସୃଷ୍ଟି କରିବା ପାଇଁ ଉପଦେଶ ଦେଲେ । ହେଲେ ସେମାନେ ପ୍ରବୃତ୍ତି ମାର୍ଗକୁ ପରିହାର କରି ନିବୃତ୍ତି ମାର୍ଗକୁ ଆପଣାଇ ଯୋଗ ତପସ୍ୟା କରିବାକୁ ଚାଲିଗଲେ । କୁହାଯାଏ ପ୍ରାକ୍ ବୈଦିକ କାଳରୁ ଯୋଗ ଓ ପ୍ରାଣାୟାମ ଭାରତୀୟ ସଂସ୍କୃତି ସହିତ ଯୋଡି ହେଇ ରହିଛି । ଅର୍ଥାତ ସେହିଦିନଠାରୁ ପ୍ରଚଳିତ ହୋଇ ଆସୁଛି ଆମର ବୈଦିକ ଶାସ୍ତ୍ର ଯଥା–ବେଦ ଉପନିଷଦ ଆଦିରେ ଯୋଗ ସମ୍ପର୍କରେ ଉଲ୍ଲେଖ ଅଛି । ମୁନିଋଷିମାନେ ଶହ ଶହ ବର୍ଷ ଯୋଗ ଓ ତପସ୍ୟା ବଳରେ ଭଗବାନଙ୍କୁ ପାଇପାରୁଥିଲେ । ମହର୍ଷି ପତଞ୍ଜଳି ଖ୍ରୀଷ୍ଟପୂର୍ବ ୨୦୦ ମସିହାରେ ଯୋଗ ଓ ପ୍ରାଣାୟାମକୁ ଏକ ମକ୍ଟୟସଲସରୟ ଏବଂ ଶ୍ୱଚ୍ଚଷ୍ପଶ୍ୱକ୍ଷଞ୍ଜକବଶ୍ୱସମ ଢଙ୍ଗରେ ପୂର୍ବ ଯୋଗାସୂତ୍ରରେ ଲୋକଲୋଚନାଙ୍କୁ ଆଣିଥିଲେ । ଏହାକୁ ଅଷ୍ଟାଙ୍ଗ ଯୋଗ ବୋଲି କୁହାଯାଏ । ମହର୍ଷି ପତଞ୍ଜଳିଙ୍କୁ ଯୋଗ ଦର୍ଶନର ପିତା ବୋଲି ଅଭିହିତ କରାଯାଏ । ଅର୍ଥାତ ଯୋଗ ଓ ପ୍ରାଣାୟାମ ଦ୍ୱାରା ଭଗବାନଙ୍କ ସହିତ ଯୋଗ ହେବାପାଇଁ ସେ ଆଠଗୋଟି ସୋପାନ କଥା ଉଲ୍ଲେଖ କଲେ । ସେଗୁଡିକ ହେଲା ଯମ, ନିୟମ, ଆସନ ପ୍ରାଣାୟାମ ପ୍ରତ୍ୟାହାର ଧ୍ୟାନ ଧାରଣା ଓ ସମାଧି । ସମାଧି ହିଁ ଯୋଗର ଶେଷ ପାବଚ୍ଛ । ଯମର ପାଟି ଉପାଙ୍ଗ ରହିଛି । ଯଥା–ସତ୍ୟ, ଅହିଂସା, ବ୍ରହ୍ମଚର୍ଯ୍ୟ, ଅସ୍ତେୟ, ଅପରିଗ୍ରହ । ବ୍ରହ୍ମଚର୍ଯ୍ୟ ହେଉଛି କାମନାରୁ ଦୁରେଇ ରହିବା ଓ ସମସ୍ତ ଇନ୍ଦ୍ରିୟମାନଙ୍କୁ ଆୟତରେ ରଖିବା । ଆସ୍ତେୟ ଅର୍ଥ ଚୋରି କିମ୍ବା ଲା ନେବାରେ ସମ୍ପୃକ୍ତ ନହେବା । ଅପରିଗ୍ରହ ଅର୍ଥ ବିନା ପରିଶ୍ରମରେ କାହାଠାରୁ ଅର୍ଥ ବା କୌଣସି ପଦାର୍ଥ ଗ୍ରହଣ ନ କରିବା । ନିୟମର ଉପାଙ୍ଗ ହେଉଛି ଶୌଚ, ସନ୍ତୋଷ, ତପ, ସ୍ୱାଧ୍ୟୟ ଈଶ୍ୱର ପ୍ରଣିଧାନ ଯୋଗ ନିମିତ୍ତ ଆସନର ଗୁରୁତ୍ୱ ରହିଛି । ଭଗବତ୍ ଗୀତରେ ଆସନ ସମ୍ପର୍କରେ ଉଲ୍ଲେଖ କରାଯାଇଛି । ଭୂମି ଉପରୁ ସାମାନ୍ୟ ଉଚ୍ଚତାରେ କୁଶ ବିଛାଇ ତା' ଉପରେ ମୃଗ ଛାଲ ବିଛାଇ ଗ୍ରୀବାକୁ ସଳଖ କରି ଯୋଗ କରାଯିବା । ଆସନର ପରବର୍ତ୍ତୀ ସୋପାନ ହେଉଛି ପ୍ରାଣାୟାମ । ଏହାକୁ ଭକ୍ୱରବଷ୍ପଷସଭଶ ମକ୍ଟଭଷ୍ପକ୍ୱକ୍ଷ କୁହାଯାଏ । ପ୍ରଶ୍ୱାସରେ ଆପାନ ବାୟୁକୁ ଭିତରକୁ ନେଇଥାଉ । ତାକୁ ପୂରକ କୁହାଯାଏ । କିଛି ସମୟ ସେହି ବାୟୁକୁ ହୃଦୟ ଭିତରେ ରୋଧ କରି ପୁଣି ବାହାରକୁ ଛଡା ଯାଇଥାଏ । ଏହି ପ୍ରକ୍ରିୟାକୁ ପ୍ରାଣାୟାମ କୁହାଯାଏ । ହୃଦୟରେ ରୋଧ କରାଯାଉଥିବା ବାୟୁକୁ କୁମ୍ଭକ ଓ ବାହାରକୁ ନିଃଶ୍ୱାସରେ ଛାଡୁଥିବା ବାୟୁକୁ ରେଚକ ବୋଲି କୁହାଯାଏ । ହୃଦୟରେ ପ ପ୍ରାଣ ଓ ପ ଉପପ୍ରଣ ବାୟୁ ରହି ଆମ ଦୈନନ୍ଦିନ ଜୀବନ ପ୍ରକ୍ରିୟାରେ ସହଯୋଗ କରିଥା'ନ୍ତି । ସେଗୁଡିକ ହେଲା ପ୍ରାଣ, ଆପାନ, ସମାନ, ଉଦନ, ବ୍ୟାନ । ପ୍ରାଣ ବାୟୁ ହୃଦୟରେ ଅବସ୍ଥାନ କରେ । ଆପାନ ବାୟୁ ଗୁହ୍ୟ ଦ୍ୱାର ନିକଟରେ ଥାଏ । ପ୍ରାଣ ବାୟୁ ଆପାନ ବାୟୁ ସହିତ ଯୋଗ ହେଲେ ଆମ ଖାଦ୍ୟ ହଜମ ହୁଏ । ଆପାନ ବାୟୁ ଖାଦ୍ୟକୁ ଦୁଇଭାଗ କରି ବର୍ଜ୍ୟ ବସ୍ତୁକୁ ବାହାରକୁ ବାହାର କରିବାରେ ସହାୟକ ହୁଏ । ଗର୍ଭସ୍ଥ ସନ୍ତାନକୁ ବାହାରକୁ ବାହାର କରିବାରେ ଆପାନ ବାୟୁ ମଧ୍ୟ କାର୍ଯ୍ୟ କରିଥାଏ । ସମାନ ବାୟୁ ଖାଦ୍ୟସାର ରକ୍ତକୁ ସମସ୍ତ ଅଙ୍ଗ ପ୍ରତ୍ୟେଙ୍ଗକୁ ସମାନ ଭାବରେ ବାଣ୍ଟି ଦେଇଥାଏ । ଉଦାନ ବାୟୁ ଶରୀରର କଣ୍ଠ ଦେଶରେ ଥାଏ । ଆମେ ଖାଉଥିବା କଠିନ ଓ ତରଳ ଖାଦ୍ୟକୁ ଦୁଇଭାଗ କରି ପାକସ୍ଥଳୀଙ୍କୁ ପଠାଇଥାଏ । ବ୍ୟାନ ବାୟୁ ମଣିଷର ଲଲାଟରେ ରହିଥାଏ ଓ ଏହା ଶରୀରକୁ ସଂକୁଚିତ ଓ ପ୍ରସାରିତ କରିଥାଏ । ପରବର୍ତ୍ତି ସୋପାନ ହେଉଛି ପ୍ରତ୍ୟାହାର । ଏଥିରେ ଯୋଗୀ ସମସ୍ତ ବିଷୟ ବାସନକୁ ପ୍ରତ୍ୟାହାର କରିଥାଏ । ପ କର୍ମେନ୍ଦ୍ରୀୟ ପା ଜ୍ଞାନେନ୍ଦ୍ରୀୟ ଓ ମନକୁ ସଂଯମ କରି ନିଜ ଆୟତରେ ରଖିଥାଏ । ଇନ୍ଦ୍ରିୟ ଗଣକୁ ଆୟତ କରିବା ପରେ ଓ ମନରେ ଏକାଗ୍ରତା ଆସିବା ପରେ ଭଗବାନଙ୍କ କୌଣସି ଏକ ଅଙ୍ଗକୁ ମାନସପଟ୍ଟରେ ରଖି ଧ୍ୟାନ କରାଯାଏ ଓ ଏହାପରେ ଯେତେବେଳେ ସାଧକ ଭଗବାନଙ୍କ ସମ୍ପୂର୍ଣ୍ଣ ରୂପକୁ ମାନସପଟ୍ଟକୁ ଆଣି ଧ୍ୟାନ କରେ ତାକୁ ଧାରଣା କହନ୍ତି । ଧାରଣ ପରେ ଯୋଗୀ ସମାଧି ଅବସ୍ଥାକୁ ଯାଇଥାଏ । ଯୋଗର ଶେଷ ପାବଚ୍ଛ ହେଉଛି ସମାଧି । ବାୟୁ ଭିତରକୁ ନେବା, ତାକୁ ରୋଧ କରିବା ଓ ପୁଣି ତାକୁ ଛାଡିବା ପ୍ରକ୍ରିୟା ବାରମ୍ବାର କରିବା ଫଳରେ ଗୁହ୍ୟ ଚକ୍ର ବା ମୂଳାଧର ଚକ୍ରରେ ସୁପ୍ତ ଅବସ୍ଥାରେ ଥିବା କୁଣ୍ଡଳିନୀ ଉର୍ଦ୍ଧ୍ୱମୁଖୀ ହେବା ଆରମ୍ଭ କରେ । କୁଣ୍ଡଳିନୀ ଗୁହ୍ୟ ଚକ୍ରରୁ ଲିଙ୍ଗ ଚକ୍ର ବା ସ୍ୱାଧୀଷ୍ଠାନ ଚକ୍ର ଓ ତାପରେ ନାଭି ଚକ୍ର ବା ମଣିପୁର ଚକ୍ର ହୃଦୟ ଚକ୍ର ବା ଅନହତ ଚକ୍ର କଣ୍ଠ ଚକ୍ର ବା ବିଶୁଦ୍ଧ ଚକ୍ର, ଲଲଟା ଚକ୍ର ବା ଆଜ୍ଞା ଚକ୍ର, ଜ୍ଞାନ ଚକ୍ର, ସତଦଳ ଚକ୍ର, ସହସ୍ର ଦଳ ଚକ୍ର ଓ ଶେଷରେ ଯୋଗୀ ଏହି ସହସ୍ର ଦଳରେ ପହ ପରମାତ୍ମାଙ୍କ ସହିତ ମିଳିତ ହୁଏ । ଏ ପ୍ରକ୍ରିୟା କେବଳ ତପସ୍ୱୀ ଓ ଯୋଗୀ ମାନଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ କୁଣ୍ଡଳିନୀ କିଛି ବାଟ ଉର୍ଦ୍ଧ୍ୱଗାମୀ ହୋଇ ପୁନର୍ବାର ନିମ୍ନମୁଖୀ ହୋଇଥାଏ । ସେ ଗୋଟିଏ ମସକ୍ୱମକ୍ଷର ଆକାରରେ ଶରୀର ଭିତରେ ଘୁରିବୁଲେ । ସମାଧି ଦୁଇ ପ୍ରକାର–ଯଥା ସବିକଳ୍ପ ସମାଧି ଓ ନିର୍ବିକଳ୍ପ ସମାଧି । ନିର୍ବିକଳ୍ପ ସମାଧିରେ ଯୋଗୀ ଅଉ ଫେରିପାରେ ନାହିଁ । ତା'ର ଆତ୍ମା ପରମାତ୍ମାଙ୍କ ସହିତ ମିଶିଯାଏ । ଶ୍ରୀ ଚୈତନ୍ୟ ଦେବ, ମୀରାବାଇ ନିର୍ବିକଳ୍ପ ସମାଧି ପ୍ରାପ୍ତ ହୋଇଥିଲେ ସବିକଳ୍ପ ସମାଧିରେ ମଣିଷ ଫେରିଆସିଥାଏ । କାରଣ ତା' ମନରେ କିଛି ବାସନା ରହିଥାଏ । ଆଜି ଯେଉଁ ଯୋଗ ହେଉଛି ତାହା ଈଶ୍ୱର ପ୍ରାପ୍ତି ବା ଜୀବ ପରମାତ୍ମାର ମିଳନ ପାଇଁ ଉଦିଷ୍ଟ ନୁହେଁ । କେବଳ ଶାରୀରିକ, ମାନସିକ ଓ ଆଧାତ୍ମିକ ଶକ୍ତିର ବିକାଶ ପାଇଁ ଉଦିଷ୍ଟ । ଏହାକୁ କ୍ରୃଷଛଷ୍ପସମବକ୍ଷ ରଙ୍ଘରକ୍ୱମସଷ୍ପର କହିଲେ ଠିକ ହେବ । ଯୋଗ କରିବା ଫଳରେ ମଣିଷ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ଅନୁଭବ କରିବ, ଭିଭିନ୍ନ ରୋଗ ଯଥା ଡିପ୍ରେସନ, ଉଚ୍ଚ ରକ୍ତଚାପ, ହାର୍ଟ ରୋଗ ଭଳି ଅନେକ ପୁରୁଣା ଓ ମାରାତ୍ମକ ରୋଗ ଉପଷମ ହୋଇପାରୁଛି । ବିଭିନ୍ନ ଆସନର ପ୍ରଭାବରେ ଭିନ୍ନ ଭିନ୍ନ ରୋଗ ଉପଶମ ହୋଇପାରୁଛି । ମଣିଷ ମାନଙ୍କୁ ସୁସ୍ଥ, ସବଳ ଓ ନିରୋଗ ରଖିବାକୁ ଯୋଗ ଓ ପ୍ରାଣାୟାମ ଓ ବିଭିନ୍ନ ଆସନ ଏକ ବରଦାନ ସଦୃଶ୍ୟ କାମ କରୁଛି । ବାବା ରାମଦେବ ଭାରତ ବର୍ଷରେ ଯୋଗ ଓ ପ୍ରାଣାୟାମକୁ ସୁଦୂର ପ୍ରସାରି କରିବାରେ ପ୍ରମୁଖ ଭୂମିକା ନେଇଛନ୍ତି । ୨୦୧୪ ମସିହା ଡ଼ିସେମ୍ବର ୧୧ ତାରିଖରେ ଭାରତର ପ୍ରଧାନ ମନ୍ତ୍ରୀ ଙ୍କଭସଷ୍ପରୟ ଭବଷ୍ପସକ୍ଟଭର ଜେନେରାଲ ଆସେମ୍ବିଲିର ୬୯ ତମ ଅଧିବେଶନକୁ ସମ୍ବୋଧିତ କରିବା ସମୟରେ ଭାରତୀୟ ସଂସ୍କୃତିରେ ଯୋଗର ମହନୀୟତା ଓ ଏହା ମାନବ ସମାଜ ପାଇଁ କେତେ ଉପଯୋଗୀ, କଲ୍ୟାଣକାରୀ ସେ ସମ୍ପର୍କରେ ଆଲୋକପାତ କରିଥିଲେ ଓ ଯୋଗକୁ ପ୍ରତ୍ୟେକ ଦେଶ ଆପଣାଇବାକୁ ଗୁରୁତ୍ୱ ଦେଇଥିଲେ । ମୋଦିଜୀଙ୍କ ବକ୍ତବ୍ୟକୁ ୧୭୫ଟି ଦେଶ ସମର୍ଥନ ଜଣାଇବା ପରେ ଙ୍କଭସଷ୍ପରୟ ଭବଷ୍ପସକ୍ଟଭଷ୍ପ ଜୁନ୍ ୨୧ ତାରିଖକୁ ଆନ୍ତର୍ଜାତୀୟ ଯୋଗ ଦିବସ ଭାବେ ଘୋଷଣା କରିଥିଲେ । ୨୦୧୫ ମସିହା ଜୁନ୍ ୨୧ ତାରିଖରେ ପ୍ରଥମେ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ବିଶ୍ୱ ପାଳନ କରିଥିଲା ଓ ସେହିଦିନଠାରୁ ପ୍ରତିବର୍ଷ ଯୋଗ ଦିବସ ପାଳିତ ହୋଇ ଆସୁଅଛି । ଭାରତୀୟ ସଂସ୍କୃତିର ମହନୀୟତ, ଆଦର୍ଶ ଓ ଏହା କିଭଳି ମାନବ କଲ୍ୟାଣ ପାଇଁ ଉଦିଷ୍ଟ ତାହା ପ୍ରଧାନମନ୍ତ୍ରୀ ବିଶ୍ୱ ଦରବାରରେ ଉପସ୍ଥାପିତ କରି ଭାରତ ରଗୌରବକୁ ବଢ଼ାଇଥିଲେ ଓ ଏହା ଅମା ସନାତନ ସଂସ୍କୃତିର ସମଗ୍ର ବିଶ୍ୱକୁ ଏକ ବରଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଅବସରପ୍ରାପ୍ତ ପୋଲିସ୍ ଅଫିସର୍
ମୋ : ୮୨୪୯୨୮୧୫୬୭




# ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)- କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି । ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ, ଟାଉନ ଫରେଷ୍ଟର ଭୂପତି ସେଠୀ, ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ । ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା । ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଲଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି । ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ । ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି । ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ । ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି । ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ, ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି । ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି, ପଥର, ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି । ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି ।

# ମଧୁଶାସନ ଗ୍ରାମର ଶ୍ରୀଦଧିବାବନଜୀଉଙ୍କ ସ୍ଥାବର, ଅସ୍ଥାବର ସମ୍ପତ୍ତି ହଡପ ଓ ଅର୍ଥ ଆତ୍ମସାତ ଅଭିଯୋଗ

କେନ୍ଦ୍ରାପଡା, (ପିଏନ)- ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ମଧୁଶାସନ ଗ୍ରାମର ଅଧିଷ୍ଠାତା ଶ୍ରୀ ଦଧିବାବନଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ହଡପ କରାଯିବା ସହ ଅର୍ଥ ଆତ୍ମସାତ କରାଯାଇଥିବା ମଧୁଶାସନ ଗ୍ରାମପଂଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ମଧୁଶାସନ ଗ୍ରାମର ଦୁର୍ଗା ପ୍ରସାଦ ଦାସ ନାମକ ଜନୈକ ବ୍ୟକ୍ତି ଚଂଚକତା କରି ଦେବୋତ୍ତର ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତକରି ମଧୁଶାସନ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟବୋର୍ଡ ଗଠନ କରି ନିଜେ ସେହି ବୋର୍ଡର ସଭାପତି ଭାବେ ପ୍ରାୟ ବର୍ଷକରୁ ଉର୍ଦ୍ଧ୍ୱ ହେବ ରହିଛନ୍ତି । ସେ ଶ୍ରୀଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିଜେ ଓ ନିଜର କିଛି ଅନ୍ଧ ସମର୍ଥକଙ୍କ ସହାୟତାରେ ହଡପ କରିବା ସହିତ ଶ୍ରୀଜୀଉଙ୍କ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି । ଶ୍ରୀଜୀଉଙ୍କ ପାଇଁ ବିଭିନ୍ନ ସମୟରେ ଦାତାମାନେ ଦାନ କରୁଥିବା ଅର୍ଥକୁ ମଧ୍ୟ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି । ଏପରିକି ଶ୍ରୀଜୀଉଙ୍କ ନାମରେ ଥିବା ସମ୍ପତି ମଧୁଶାସନ ମୌଜାର ଖାତା ନମ୍ବର - ୪୨୨, ପ୍ଲଟ ନମ୍ବର ୩୫୮୩ ଉପରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ୩ଟିକୁ ରାତାରାତି କାଟି ବିକ୍ରୀ କରିବା ସହ ଖାତା ନମ୍ବର ୧୨୯୯, ପ୍ଲଟ ନମ୍ବର ୫୩୧୫ ଓ ୫୩୧୬/୫୫୯୨ ଉପରୁ ବହୁ ଦିନର ମୂଲ୍ୟବାନ ୧୦ଟି ତାଳଗଛକୁ କାଟି ବିକ୍ରୀ କରିଦେଇଥିବା ଅଭିଯୋଗ ହୋଇଛି । ସେହି ଗଛ ସବୁର ମୂଲ୍ୟ ଆନୁମାନିକ ପ୍ରାୟ ଏକଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଅଭିଯୋଗକାରୀମାନେ ଏସମ୍ପର୍କରେ ଟ୍ରଷ୍ଟର ସଭାପତି ଶ୍ରୀ ଦାସଙ୍କୁ ପଚାରିବାରେ ଶ୍ରୀ ଦାସ ସେମାନଙ୍କୁ ଗୁଣ୍ଡା ଲଗାଇ ଧମକଚମକ ଦେବା ସହ ଜୀବନରୁ ମାରିଦେବାକୁ ଧମକପୂର୍ଣ୍ଣ ବାଣୀ ଶୁଣାଇଥିବା ଅଭିଯୋଗ ହୋଇଛି । ଏଥିସହିତ କେତେକ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ମିଛ କହି ଅଭିଯୋଗକାରୀମାନଙ୍କ ନାମରେ ଥାନାରେ ମିଥ୍ୟା ମାମଲା କରିବା ସହ ବିଭିନ୍ନ ମିଥ୍ୟା କେଶକରି ନାନା ପ୍ରକାର ଅସୁବିଧାରେ ପକାଉଥିବା ମଧ୍ୟ ଅଭିଯୋଗ ହୋଇଛି । ସେହି ଟ୍ରଷ୍ଟବୋର୍ଡରେ ଗରଦପୁର ତହସିଲଦାର ଓ ପାଟକୁରା ଥାନାର ଭାରପ୍ରାପ୍ତ ଇନିସପେକ୍ଟରଙ୍କୁ ସଦସ୍ୟ ଭାବରେ ରଖାଯାଇଥିବା ବେଳେ ଅଭିଯୋଗକାରୀଙ୍କ ପରିବାରର ୨/୩ଜଣଙ୍କ ନାମରେ ମିଥ୍ୟା ମାମଲା କରାଯାଉଥିବା ସହ ସେହି ପରିବାରର ମହିଳାମାନଙ୍କ ପ୍ରତି ଅସଦାଚରଣ କରିବାକୁ ମଧ୍ୟ ଟ୍ରଷ୍ଟର ସଭାପତି ପଛାଉନଥିବା ଅଭିଯୋଗ ହୋଇଛି । ସଂପୃକ୍ତ ସଭାପତି ଭୁବନେଶ୍ୱରରେ ରହୁଥିବା ବେଳେ ଗ୍ରାମର ଅଧିକାଂଶ ଲୋକଙ୍କୁ ବିଭିନ୍ନ ମାଲିମକଦ୍ଦମାରେ ଛନ୍ଦି ହଇରାଣ କରିବା ସହ ଶ୍ରୀଜୀଉଙ୍କ ସମ୍ପତ୍ତି କୁ ହଡପ କରିବା ଓ ଅର୍ଥକୁ ଆତ୍ମସାତ କରୁଥିବା ଯୋଗୁଁ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତିରେ ଘୋର ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅସିତ କୁମାର ମହାନ୍ତି, ତାରକେଶ୍ୱର ତ୍ରିପାଠୀ, ପ୍ରମୋଦ କୁମାର ସାହୁ, ଚିତରଞ୍ଜନ ବାରିକ, ନିରଞ୍ଜନ ପଣ୍ଡା, ଭବାନିଶ ପଣ୍ଡା ପ୍ରମୁଖ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# ଖଣିରେ ସ୍ଥାନୀୟ ନିଯୁକ୍ତି ନେଇ ଶ୍ରମିକଙ୍କ ଧରଣା





ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ବଳଦା ଗ୍ରାମପଞ୍ଚାୟତର ସିଲ୍‌ଯୋଡା ସ୍ଥିତ କାସଭି ଇନ୍‌ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ ଖଣିରେ ବିଭିନ୍ନ ଦାବି କରି ଗ୍ରାମବାସୀ ମାନେ ମଙ୍ଗଳବାର ପୂର୍ବାହ୍ନ ରେ ଖଣି ଲିଜ ପରିସରରେ ଧାରଣା ଦେଇଥିବା ଜଣାପଡିଛି । ବିର୍ସାମୁଣ୍ଡା ଲେବର କନ୍‌ଟ୍ରାକ୍ଟ ଓ ଆଦିବାସୀ କଲ୍ୟାଣ ସମିତି ପକ୍ଷରୁ ଏହି ଧାରଣା ଦିଆଯାଇଥିବା ଖବର ମିଳିଛି । ପ୍ରଶାସନକୁ ଜଣାଇ କୋଭିଡ୍ ନିୟମକୁ ପାଳନ କରି ଖଣି ପ୍ରଭାବିତ ସିଲଯୋଡା, ଗୁରୁଡା, ତାଟପାଣି ପ୍ରଭୃତି ଗ୍ରାମର ଗ୍ରାମବାସୀ ମାନେ ବିଭିନ୍ନ ଦାବି କରି କାସଭି ଖଣି ପରିସରରେ ଧାରଣାରେ ବସିଛନ୍ତି । ପୂର୍ବରୁ ଏହି ଖଣିଟି ମାଙ୍ଗିଲାଲ ରୁଙ୍ଗଟାର ସିଲିଯୋଡା କାଳିମାଟି ଅଧୀନରେ ଥିଲା । ନିଲାମ ପ୍ରକ୍ରିୟାରେ ଅଧିକ ମୂଲ୍ୟ ଦେଇ କାସଭି ଇନଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ ଖଣି ହାତେଇବା ପରେ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଉନଥିବାରୁ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଯୋଗ୍ୟତା ଥାଇ ମଧ ସ୍ଥାନୀୟ ଲୋକଙ୍କୁ ସାମାନ୍ୟ ସୁରକ୍ଷା କର୍ମୀ ଚାକିରୀ ମଧ ଦିଆଯାଉନାହିଁ । ଏହି ଖଣିରେ ନିଯୁକ୍ତିକୁ କେନ୍ଦ୍ର କରି ଗତ ସେପ୍ଟେମ୍ବର ମାସ ୨୫ ତାରିଖରେ ଏକ ହିଂସାତ୍ମକ ଆକ୍ରମଣ ଘଟଣା ଘଟିଥିଲା । ଖଣିର ଖଣି ସପକ୍ଷ ବାଦୀ ମାନେ ଏହି ଆକ୍ରମଣ ଭିଆଇଥିବା ଗ୍ରାମବାସୀ ସୁଶାନ୍ତ ଖିଲାର, ସୁବିଦାର ଗାଗରାଇ, ଯୋସେ’ ବେଙ୍ଗରା, ବିକାଶ ମହାକୁଡ ପ୍ରମୁଖ ଅଭିଯୋଗ କରିଛନ୍ତି । ସ୍ଥାନୀୟ ମହିଳା ମିନା କୁମାରୀ ସିଂ, ମୁସକୁନି ସଏ, ସରସ୍ୱତୀ ପିଙ୍ଗୁଆ, ସୁମିତ୍ରା ଗଇପାଇ, ସଙ୍ଗିତା ପିଙ୍ଗୁଆ, ଚାମାନୁ ଲାକ୍ରା, ଡାଳିମ୍ବ ଗାଗରାଇ, ରିଙ୍ଗି ହେମ୍ବ୍ରମ ପ୍ରମୁଖ ଲୁହ ଓ କୋହଭରା କଣ୍ଠରେ କହିଛନ୍ତି ଯେ ଦୀର୍ଘ ୬ ରୁ ୭ ମାସ ହେଲାଣି ଖଣିରେ ନିଯୁକ୍ତି ନପାଇ ଭୋକ ଉପାସରେ ଦିନ କାଟୁଛନ୍ତି । ସ୍ଥାନୀୟ କାସଭି ଖଣି କମ୍ପାନୀ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଦେଉନଥିବାରୁ ବେରୋଜଗାର ନିରାଶ ହୋଇ ଘରେ ରହିଛନ୍ତି । ଖଣିରେ କାର୍ଯ୍ୟ କରି ଜିବୀକା ନିର୍ବାହ କରୁଥିବାରୁ ବର୍ତ୍ତମାନ କାର୍ଯ୍ୟହରା ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି । ଗ୍ରାମର ନରେନ୍ଦ୍ର କୁମାର ପାତ୍ର ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ସିଲଯୋଡା-କାଳିମାଟି ମାଙ୍ଗାନିଜ୍ ଆଇରନ୍ ମାଇନ୍ସ ଦୁଇଟି ଗ୍ରାମପଞ୍ଚାୟତ ନାମରେ ହୋଇଅଛି । ହେଲେ ଏହି ଦୁଇଟି ପଞ୍ଚାୟତ ବାସୀଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରୁନାହିଁ । ଆଦିବାସୀ କଲ୍ୟାଣ ସମିତିର ସଭାପତି ବିଦ୍ୟାସାଗର ରଣା, ସମ୍ପାଦକ ଭିମ ପିଙ୍ଗୁଆ କହିଛନ୍ତି ଯେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଠାରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି । ଜଙ୍ଗଲ ନେଲ, ଜମି ନେଲ, ପାଣି ନେଲ, ଆଦିବାସୀଙ୍କର ମୌଳିକ ସୁବିଧାରୁ କାସଭି ଖଣି କମ୍ପାନି ବଞ୍ଚିତ କଲ ଯଦି ଦମ୍ ନାହିଁ ତେବେ ସରକାରଙ୍କ ଠାରୁ ଖଣି ନେଲ କାହିଁକି ବୋଲି ଆଦିବାସୀ ନେତା ସେଲେଇ ତିରିଆ ପ୍ରକାଶ କରିଥିଲେ । ସେଠାରେ ଉପସ୍ଥିତ ଥିବା ଆଦିବାସୀ ଶ୍ରମିକ ନେତା ମାନେ କହିଥିଲେ ଯେ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ।

# ପାରାଦୀପ ବନ୍ଦର ପକ୍ଷରୁ ମିଳିତ ମେଗା ମକ୍ ଡ୍ରିଲ୍

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ମିଳିତ ମେଗା ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି । ପାରାଦୀପ ବନ୍ଦର ସିଆଇଏସଏଫ୍ ପକ୍ଷରୁ ପାରାଦୀପ ମୁଖ୍ୟ ଅଗ୍ନି ନିର୍ବାପନ କେନ୍ଦ୍ରଠାରେ ଆୟୋଜିତ ମକ୍ ଡ୍ରିଲ୍‌ରେ ପାରାଦୀପ ବନ୍ଦର ସମେତ ଜିଲ୍ଲା ପ୍ରଶାସନ, ଏନଡିଆରଏଫ୍ ମୁଣ୍ଡୁଳିର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ଏହି ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ, ସମ୍ମାନୀତ ଅତିଥି ଭାବେ ଉପାଧକ୍ଷ ନିଲଭ୍ର ଦାସଗୁପ୍ତା ଏହି ସାଇଟ୍ ଲେଭଲ-୩ରେ ଯୋଗ ଦେଇଥିଲେ । ମେରାଇନ୍ ସାଇଟ୍ ଅଫିସ୍‌ରେ ଏକ ଭଙ୍ଗା ଗୃହ ମଧ୍ୟରୁ ବାତ୍ୟାରେ ଫସି ରହିଥିବା ବ୍ୟକ୍ତିଙ୍କୁ କିପରି ଉଦ୍ଧାର କରାଯାଇ ପାରିବ ତାହାର ନମୁନା ପ୍ରଦର୍ଶିତ ହୋଇଥିଲା । ଏହା ପରେ ରୋଷେଇ ଗ୍ୟାସ ଦୁର୍ଘଟଣାରୁ କିପରି ପ୍ରଶମନ କରାଯାଇ ପାରିବ ସେ ସମ୍ପର୍କରେ ମକ୍ ଡ୍ରିଲ୍ ପ୍ରଦର୍ଶନ କରାଯାଇଥିଲା । ପାରାଦୀପ ବନ୍ଦର ସମେତ ସହଯୋଗୀ ସଂସ୍ଥାର ଅଗ୍ନି ନିର୍ବାପନ କେନ୍ଦ୍ରର କର୍ମଚାରୀମାନେ ଏହି ମକ୍ ଡ୍ରିଲ୍‌ରେ ସାମିଲ ହୋଇଥିଲେ । ଏନଡିଆରଏଫ୍ ୩ୟ ବାଟାଲିୟାନ ମୁଣ୍ଡୁଳିର ଆସିଷ୍ଟାଣ୍ଟ କମାଣ୍ଡର ଗୌରବ ଜଗନାନୀ ମକ୍ ଡ୍ରିଲ୍ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ଶେଷରେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ସମସ୍ତ ସହଯୋଗୀ ସଂସ୍ଥାମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଅଜଣା ଗାଡି ଧକ୍କାରେ ଜଣେ ମୃତ, ୨ ଗୁରୁତର

ହରିଚନ୍ଦନପୁର(ପିଏନ)- ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମୃତ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ଜଣେ ସାମାନ୍ୟ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା କାଳିଆପାଣି ଗ୍ରାମର ସୁଦର୍ଶନ ମହାକୁଡ(୩୮) ସ୍ତ୍ରୀ ଓ ୨ପିଲାଙ୍କ ସହ ମୟୁରଭଞ୍ଜ ଜିଲ୍ଲା ଶ୍ୱଶୁର ଘରକୁ ବୁଲିବାକୁ ଆସିଥିଲେ । ଆଜି ନିଜ ଗ୍ରାମ କାଳିଆପାଣିକୁ ଫେରୁଥିବା ବେଳେ ହରିଚନ୍ଦନପୁର ଥାନା ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସୁଦର୍ଶନ ମହାକୁଡଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ସ୍ତ୍ରୀ ରାଇମଣି ମହାକୁଡ (୩୬), ସାନପୁଅ ଚିନ୍ମୟ (୬) ଗୁରୁତର ଆହତ ହୋଇଥିବା ବେଳେ ବଡପୁଅ ରାହୁଲ (୮) ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା

# ଦରଡିପାଳରେ ଶତାୟୁ ମହିଳାଙ୍କ ପରଲୋକ

ଘଷିପୁରା(ପିଏନ)- ଘଷିପୁରା ବ୍ଲକ ଦରଡିପାଳ ଗ୍ରାମରେ ସ୍ୱର୍ଗତ ନରସିହଂ ନାୟକଙ୍କ ଧର୍ମପତ୍ନୀ କ୍ଷେତ୍ରମଣୀ ନାୟକଙ୍କ ଆଜି ୧୦୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁଅ ଆନନ୍ଦ ଚନ୍ଦ୍ର ନାୟକ ଅବସରପ୍ରାପ୍ତ କୃଷି ପରିଦର୍ଶକ ଏବଂ ଦିବାକର ନାୟକ ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜରଙ୍କ ସହିତ ସମସ୍ତ ନାତି ନାତୁଣୀ, ଅଣନାତି, ଅଣନାତୁଣୀ ଏବଂ ସାହିପଡିଶା ଉପସ୍ଥିତ ଥିବା ସହ ତାଙ୍କର ଶବ ସତ୍କାର କରାଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ ।

# ଯୋଡା ପୌରାଞ୍ଚଳରେ ସେପ୍ଟେଜ ବିଶୋଧନାଗାରର ଭିତ୍ତିପ୍ରସ୍ତର ସ୍ଥାପନ




ଯୋଡା(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରାଞ୍ଚଳର ୬ନଂ ୱାର୍ଡ ବାଚୁହାଟିଂ ଠାରେ ପୌରପାଳିକା ପକ୍ଷରୁ ୨୦କେଏଲଡି କ୍ଷମତା ବିଶିଷ୍ଟ ଏକ ସେପ୍ଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଟ୍ରିଟମେଣ୍ଟ ପ୍ଲାଣ୍ଟ ଯୋଡା ସହରର ସମସ୍ତ ଘରର ସେପ୍ଟି ଟ୍ୟାଙ୍କରୁ ନିଷ୍କାସିତ ମଇଳାକୁ ବିଶୋଧନ କରାଯାଇ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ସୃଷ୍ଟି କରିବା ନିମନ୍ତେ ପୌରପାଳିକା ପକ୍ଷରୁ ଏହା କରାଯାଇଛି । ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ରାଜ୍ୟ ଜଳଯୋଗାଣ ବିଭାଗ ଏବଂ ସ୍ୱରେଜ ବୋର୍ଡ ଆନୁକୂଲ୍ୟରେ ଓଡିଶା କନଷ୍ଟ୍ରକସନ କମ୍ପାନୀ (ଓସିସି)କୁ ଟେଣ୍ଡର ମାଧ୍ୟମରେ ୨ କୋଟି ୬୪ ଲକ୍ଷ ୧୭ ହଜାର ଟଙ୍କା ବ୍ୟୟ ଅଟକଳରେ ୧୧ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ପ୍ରକଳ୍ପ ହେବା ଦ୍ୱାରା ପୌରାଞ୍ଚଳର ସମସ୍ତ ୱାର୍ଡରେ ସେପ୍ଟି ଟାଙ୍କିର ମଇଳା ବିଶୋଧନ ହେବା ସହିତ ମାନ୍ୟବର ସର୍ବୋଚ୍ଚ ଅଦାଲତ ଓ ଜାତୀୟ ସବୁଜ ଟ୍ରିବ୍ୟୁନାଲଙ୍କ ଆଦେଶ ପାଳନ ହୋଇପାରିବ ବୋଲି ଯୋଡା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ ପ୍ରକାଶ କରିଥିଲେ । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଡା ପୌରପାଳିକାର ସମସ୍ତ ଅଧିକାରୀ, କର୍ମଚାରୀ, ସ୍ୱଚ୍ଛସାଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୂମିହୀନଙ୍କୁ ଜାଗା ପ୍ରମାଣ ପତ୍ର ପ୍ରଦାନ



ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାରେ ଜାଗାମିଶନ ଯୋଜନାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଓଡିଶା ସରକାରଙ୍କ ଜାଗା ମିଶନ୍ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ହିତାଧିକାରୀ ମାନଙ୍କୁ ଏହି ଅବସରରେ ଜମି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ପୂର୍ବତନ ଉପ-ନଗରପାଳ ସୁରେନ୍ଦ୍ରନାଥ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଯୋଡା ପୌରପାଳିକାର ୧୪ଟି ୱାର୍ଡରେ ସମୁଦାୟ ୬୨୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ମଙ୍ଗଳବାର ଦିନ ତନ୍ମଧ୍ୟରୁ ବନେଇକଳା ଠାରେ ୧୭୫ ଜଣଙ୍କୁ ଭୂମିହୀନଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ ପାଟଯୋଶୀ ସୂଚନା ଦେଇଛନ୍ତି । ଏହି ଜମି ଗୁଡିକ ୩୨୩ ବର୍ଗ ‘ଫୁଟ’ରୁ ସର୍ବାଧିକ ୪୮୦ ବର୍ଗଫୁଟ ମଧ୍ୟରେ ଯୋଗାଇ ଦିଆଯିବ । ପରେ ଜାଗା ପ୍ରମାଣ ପତ୍ର ଦେବା ପରେ ଭୂମି ଅଧିକାର ପତ୍ର ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇ ଦେବାର ସରକାରୀ ଯୋଜନା ରହିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ ।

# ଡମ୍ପର ମାଲିକଙ୍କ ଧାରଣା ପଞ୍ଚମ ଦିନରେ : ଉପଯୁକ୍ତ ସମାଧାନ ନକରିଲେ ଆଗାମୀ ଦିନରେ ବିକଳ୍ପ ପନ୍ଥାର ଚେତାବନୀ

ଯୋଡା,(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅଧୀନ ହେଁସାବେଡା ସ୍ଥିତ କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ଖଣି କମ୍ପାନୀ ଟ୍ରକ ମାଲିକ ସଂଘର ଦାବିକୁ ଉପେକ୍ଷା କରି ନିଜର ଖଣିକାର୍ଯ୍ୟ ଜାରି ରଖିଛି । ଖଣି ଲିଜ୍ ପରିସରରେ କାର୍ଯ୍ୟହରା ଡମ୍ପର ମାଲିକ ମାନେ ଖଣିର ପରିବହନ କାର୍ଯ୍ୟରେ ଡମ୍ପର ନିୟୋଜିତ କରିବା ଦାବିରେ ଦୀର୍ଘ ୫ ଦିନ ଧରି ଧାରଣାରେ ବସିଥିଲେ ହେଁ ଖଣି କର୍ତ୍ତୃପକ୍ଷନଦେଖିଲା ଭଳି ଉପେକ୍ଷା କରିଚାଲିଛି । ନୂତନ ଲିଜ ପାଇଥିବା କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ନିଜର ଖଣିଜ ପରିବହନ ପାଇଁ ବାହାର ଅଞ୍ଚଳର ଭାରୀଯାନ ଆଣି ପରିବହନ କରୁଥିବା ବେଳେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନ କାର୍ଯ୍ୟ ଦେଉନାହିଁ । ଏନେଇ ସଂଘ ପକ୍ଷରୁ ଖଣି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଲିଖିତ ଭାବରେ ଦୃଷ୍ଟି ଆକର୍ଷଣ କରି କୌଣସି ସୁଫଳ ନପାଇବାରୁ ଗତ ୫ ତାରିଖରୁ ଧାରଣା ଆରମ୍ଭ କରିଥିଲେ । ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ସଂଘ ସ୍ଥାନୀୟ ଖଣି ପ୍ରଭାବିତ ଅଞ୍ଚଳର ଡମ୍ପର ମାଲିକ ମାନଙ୍କୁ ନେଇ କାର୍ଯ୍ୟ କରି ଆସୁଅଛି



। ପୂର୍ବରୁ କାର୍ଯ୍ୟ କରୁଥିବା ଖଣି ଲିଜଧାରୀ ମାନେ ନିଜର ପରିବହନ କାର୍ଯ୍ୟ ପାଇଁ ସଂଘରୁ ଡମ୍ପର ନେଇ ପରିବହନ କରୁଥିଲେ । ଯାହାଫଳରେ ପରୋକ୍ଷ ଏବଂ ପ୍ରତ୍ୟେକ୍ଷ ଭାବରେ ହଜାର ହଜାର ଲୋକ ଜିବୀକା ନିର୍ବାହ କରି ପାରୁଥିଲେ । ଉକ୍ତ ଖଣିର ପୂର୍ବ ଲିଜଧାରୀ ପଟ୍ଟନାୟକ ମିନେରାଲସ ପ୍ରାଇଭେଟ ଲିମିଟେଡ ଖଣିଜ ପରିବହନରେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନରେ ନିୟୋଜିତ କରୁଥିଲେ । ମାତ୍ର ବର୍ତ୍ତମାନ ନୂତନଲିଜଧାରୀ କାସଭି ଖଣି ସଂଘକୁ ହେୟଜ୍ଞାନ କରି ବାହାର ଅଞ୍ଚଳର ଶତାଧିକ ଭାରୀଯାନ ଆଣି ପରିବହନ କାର୍ଯ୍ୟ କରୁଛି । ଯାହାଫଳରେ ଅଞ୍ଚଳର ଖଣି ପ୍ରଭାବିତ ଗାଡି ମାଲିକ ମାନେ ଜିବୀକା ହରାଇ ହତାଶ ହୋଇପଡିଛନ୍ତି ବୋଲି ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନର ସଭାପତି ଚତୁର୍ଭୁଜ ପଲେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ବାରମ୍ବାର ଖଣି କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ମଧ କେହି କର୍ଣ୍ଣପାତ କରୁନାହାଁନ୍ତି । ଡମ୍ପର ମାଲିକ ମାନେ କାର୍ଯ୍ୟ ନପାଇ ବସି ରହିଛନ୍ତି । ସେମାନଙ୍କର ପରିବାର ପ୍ରତିପୋଷଣ କରିବା ମଧ କଷ୍ଟସାଧ ହେଲାଣି । କରୋନା ମହାମାରୀ ପରିସ୍ଥିତିରେ କୌଣସି କାର୍ଯ୍ୟ ନପାଇ ଡମ୍ପରରେ କାର୍ଯ୍ୟ କରୁଥିବା ଡ୍ରାଇଭର, ହେଲପର ଓ ସେମାନଙ୍କର ପରିବାର ବର୍ତ୍ତମାନ ଆର୍ଥିକ ସଂକଟରେ ଶିକାର ହେଲେଣି । ପରିବହନ କାର୍ଯ୍ୟ ହେତୁ ଅଞ୍ଚଳରେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷରେ ନିର୍ଭରଶୀଳ ଥିବା ପ୍ରାୟ ଶତକଡା ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଲେଣି । କୋଭିଡ-୧୯ ଗାଇଡ ଲାଇନ ରହିଥିବା ସତ୍ତ୍ୱେ ମଧ ଗାଡି ମାଲିକମାନେ ଏହି ନିୟମକୁ ପାଳନ କରି ଧାରଣାରେ ବସିଛନ୍ତି । ହେଲେ ଖଣି କର୍ତ୍ତୃପକ୍ଷ ୫ଦିନ ବିତିଯାଇଥିଲେ ହେଁ ଦାବି ପୂରଣ ନେଇ କୌଣସି ଆଲୋଚନା କରିବାକୁ ଆସିନଥିବା ବୋଲି ମାଟୋଆ ସମ୍ପାଦକ ସତ୍ୟପ୍ରିୟ ବାରିକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଯଦି ଖଣି କର୍ତ୍ତୃପକ୍ଷ ଏହାର ଉପଯୁକ୍ତ ସମାଧାନ ନକରନ୍ତି ତାହା ହେଲେ ଆଗାମୀ ଦିନରେ ବିକଳ୍ପପନ୍ଥା ଗ୍ରହଣ କରିବାକୁ ବଧ ହେବୁ ବୋଲି ପ୍ରେସ ବିବୃତ୍ତିରେ ଜଣାଇଛନ୍ତି । ତେଣେ କାସଭି ଖଣିର ଜନୈକ ବରିଷ୍ଠ ଅଧିକାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ କାସଭି ଖଣି ନିକଟସ୍ଥ ଜୁରୁଡି ଠାରେ ଥିବା ଜୁରୁଡି ଟ୍ରକ ମାଲିକ ମାନଙ୍କ ସହ ସେମାନେ ଆଲୋଚନା କରି ହାଇୱା ଟ୍ରକ ମାଧ୍ୟମରେ ଖଣିଜ ପରିବହନ କାର୍ଯ୍ୟ କରୁଛନ୍ତି । ଏନେଇ ଯୋଡା ଠାରେ ଥିବା ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନ ସହ କୌଣସି ଆଲୋଚନା କରିବା ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ ।




# ଶିଶୁପାଳଗଡ ଶାଖା ଡାକଘର କ'ଣ କେନ୍ଦ୍ର ସରକାରଙ୍କର ସାବତ ପୁଅ କି ?




ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଏକାମ୍ର ନିର୍ବାଚନ ମଣ୍ଡଳୀର ଲିଙ୍ଗିପୁର ଗ୍ରାମପଂଚାୟତରେ ଥିବା ଶାଖା ଡାକଘର ବର୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। କୌଣସି ମୌଳିକ ସେବା ପାଇବାରୁ ଜନସାଧାରଣ ବଂଚିତ। ଡାକ ଟିକେଟ, ରେଭିନ୍ୟୁ ଷ୍ଟାମ୍ପ, ଏନ୍‌ଭଲପ୍ ପୋଷ୍ଟକାର୍ଡ, ଇତ୍ୟାଦି ଜମା ଉପଲବ୍ଧ ହେଉନାହିଁ। ଏହାକୁ ନେଇକରି ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଶିଶୁପାଳଗଡ ଏବଂ ଲିଙ୍ଗିପୁର ପଂଚାୟତର ୨୬ଟି ୱାର୍ଡର ଜନସାଧାରଣ ଡାକସେବାର କୌଣସି ସେବା ପାଇପାରୁନାହାଁନ୍ତି। ସ୍ପିଡ ପୋଷ୍ଟ ସେବା ଏହି ଶାଖା ଡାକଘରେ ଉପଲବ୍ଧ ଥିଲେ ମଧ ବିଡମ୍ବନାର ବିଷୟ ଇଂଟରନେଟ ସେବାର ଉପଲବ୍ଧି ରହୁନାହିଁ। ଯାହାଫଳରେ ନାହିଁନଥିବା ହଇରାଣ ହେଉଛନ୍ତି ଜନସାଧାରଣ। ଡାକବକ୍ସଟି ଭାଙ୍ଗି ଉପୁଡି ଯାଇଛି। ଯାହାଫଳରେ ୪ କିଲୋମିଟର ଦୂର ଓଲଡ୍ ଟାଉନ ପୋଷ୍ଟ ଅଫିସ ଉପରେ ନିର୍ଭର କରିବାକୁ ପଡୁଛି। ହାରାହାରି ଘଂଟେରୁ ଅତି ବେଶୀରେ ଦୁଇ ଘଂଟା ଖୋଲା ରହୁଛି ଶାଖା ଡାକଘର (୧୦-୧୨ପର୍ଯ୍ୟନ୍ତ ଖୋଲା ରହୁଛି)। କୌଣସି ଚିଠି ଆସିଲେ କମ ସେ କମ୍ ୮ରୁ ୧୦ଦିନ ଉର୍ଦ୍ଧ୍ୱ ଲାଗୁଛି କୌଣସି ଠିକଣାରେ ପହଂଚିବା ପାଇଁ। ୧୦୦୦୦ରୁ ଉର୍ଦ୍ଧ୍ୱ ଏହି ଦୁଇ ପଂଚାୟତର ଲୋକ ବାଧ ହୋଇ ୪ କିଲୋମିଟର ଦୂର ଯିବାକୁ ପଡୁଛି ଏବଂ ଗରିବ ଲୋକମାନେ ବହୁ ହଇରାଣ ହେଉଛନ୍ତି। ଏହି ଡାକଘରର ଉନ୍ନତି ନକରିବା ପାଇଁ କିଛି କୋରିଅର ସଂସ୍ଥା ହୀନ ଚକ୍ରାନ୍ତ କରୁଥିବା ଶୁଣିବାକୁ ମିଳୁଛି। ଡାକବକ୍ସଟି ବିଗତ ବହୁଦିନ ହେଲାଣି ଅକାମି ହୋଇ ପଡିରହିଛି। ଶାଖା ଡାକ ଘରେ ପାଣିର କୌଣସି ସୁବିଧା ନାହିଁ। ଯାହାଫଳରେ ବହୁ ଅସନ୍ତୋଷ ଦେଖାଯାଉଛି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶାର ହୋଇଥିଲେ ମଧ ଦୀପତଳ ଅନ୍ଧାର ଭଳି ଲାଗୁଛି। ନା ଭିତିଭୂମି ଅଛି ନା ମୌଳିକ ସେବା ମିଳୁଛି। ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ଡାକଘର ଉପରେ ଲେଖାହୋଇଛି ୧୦ଟାରୁ ୨ଟା ଖୋଲା ରହୁଛି। କିନ୍ତୁ ସବୁଦିନ ୧ଟା ବେଳେ ବନ୍ଦ ହୋଇଯାଉଛି। ଯାହାଫଳରେ ଜରୁରୀ ଚିଠି ଡାକଟିକେଟ ପାଇବାରେ ସାଧାରଣ ଲୋକମାନେ ହଇରାଣ ହେଉଛନ୍ତି। ଶାଖା ଡାକଘରେ ଥିବା କର୍ମଚାରୀମାନେ ମନଇଚ୍ଛା ଅଫିସ ଖୋଲୁଛନ୍ତି, ନିଜ ଇଚ୍ଛା ଅନୁସାରେ ଆସୁଛନ୍ତି ଏବଂ ଅଫିସକୁ ବନ୍ଦ କରି ଦେଉଛନ୍ତି। ଅଫିସ ଭିତରକୁ ଜଣେ ଗଲେ ଦ୍ୱିତୀୟ ଲୋକ ପାଇଁ ଜାଗା ନାହିଁ। କେନ୍ଦ୍ରମନ୍ତ୍ରୀ ମହାଶୟ ତୁରନ୍ତ ହସ୍ତକ୍ଷେପ କରି ଏହି ଶାଖା ଡାକଘରର ଭିତିଭୂମି ଏବଂ ମୌଳିକ ସେବା ସହିତ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଲିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ଏବଂ ନିଜେ ତଦାରଖ କରନ୍ତୁ ଯେପରି ଭାବେ କୌଣସି ଜନସାଧାରଣ ମୌଳିକ ସେବାରୁ ବଂଚିତ ନ ହୁଅନ୍ତି। କେନ୍ଦ୍ର ସରକାର ଅଧୀନସ୍ଥ ଡାକଘରେ ବିଭିନ୍ନ ଯୋଜନା ଥିଲେ ମଧ ପୋଷ୍ଟ ଅଫିସରେ କେମିତି କାର୍ଯ୍ୟକାରୀ ହେବ ତଥା ଆଧାର କାର୍ଡ ଭେରିଫିକେସନ୍, ଜମା ଖାତା, ଏନ୍‌ଏସି, ସୁକନ୍ୟା ଯୋଜନା ଏବଂ କେନ୍ଦ୍ର ସରକାରଙ୍କର ସବୁ ଜନକଲ୍ୟାଣକାରୀ ସୁବିଧା ମିଳିବା ପାଇଁ ମନ୍ତ୍ରୀ ମହୋଦୟ ନିର୍ଦ୍ଦେଶ ଦେଇ ଜନସାଧାରଣଙ୍କୁ ଏହି ସୁବିଧାର ତୁରନ୍ତ ଉପଲବ୍ଧ କରାନ୍ତୁ।

## ବାଚସ୍ପତିଙ୍କୁ ଅଭିନନ୍ଦନ ଜଣାଇଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର (ପିଏନ୍): ଓଡିଶା ବିଧାନସଭାର ଉଦ୍ୟମ ଫଳରେ ଦୀର୍ଘ ୧୦୦ ବର୍ଷ ତଳର ବିବରଣୀ ବିହାର ବିଧାନସଭାରୁ ଅଣାଯାଇପାରିଥିବାରୁ ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ, ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ସଚିବ ଦାଶରଥି ଶତପଥୀ, ଯୁଗ୍ମ ନିର୍ଦ୍ଦେଶକ ଶିବପ୍ରସାଦ ପଟ୍ଟନାୟକ, ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ ଓ ସ୍ୱତନ୍ତ୍ର କାର୍ଯ୍ୟକାରୀ ଅଧିକାରୀ (ଗବେଷଣା) ଅମୂଲ୍ୟ କୁମାର ସ୍ୱାଇଁଙ୍କୁ ଉତ୍କଳ ସମ୍ମିଳନୀ କୃତଜ୍ଞତା ଜ୍ଞାପନ କରିବା ସହିତ ଅଭିନନ୍ଦନ ଜଣାଇଛି। ଆମ ପାଖରେ ଆମ ରାଜ୍ୟର ୧୯୨୨ ମସିହାରୁ ୧୯୩୬ ମସିହା ପର୍ଯ୍ୟନ୍ତ ତଥ୍ୟ ନଥିଲା । ଏହି ତଥ୍ୟ ମିଳିବା ପରେ ଓଡିଶାର ଇତିହାସ ଲେଖାରେ ସହାୟକ ହେବ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି । ଏହି ତଥ୍ୟକୁ ଆଧାର କରି ଏକ ତଥ୍ୟଭିତିକ ପୁସ୍ତକ ରଚନା କରିବା ପାଇଁ ଶ୍ରୀ ଦାଶଶର୍ମା ମଧ୍ୟ ମାନ୍ୟବର ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି ।

## ଜିଲ୍ଲାପାଳଙ୍କୁ ଭେଟି ବନ୍ୟାଞ୍ଚଳ ବାବଦରେ ସମୀକ୍ଷା କଲେ ସାଂସଦ

ବାଲେଶ୍ୱର (ପିଏନ୍)- ଲଘୁଚାପ ଜନିତ ବର୍ଷା ଯୋଗୁଁ ଉତ୍ତର ବାଲେଶ୍ୱରରେ ବନ୍ୟାପଣି ମାଡ଼ିଥିବା ଅଞ୍ଚଳକୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗସ୍ତ କରିବା ପରେ ନିଜେ ଅନୁଭବ କରିଥିବା ବନ୍ୟା ପ୍ରପୀଡ଼ିତଙ୍କ ଅସୁବିଧାକୁ ବାଲେଶ୍ୱର ଜିଲ୍ଲା ବିଜେପିର ପ୍ରତିନିଧି ମଣ୍ଡଳୀଙ୍କ ସହ ଯାଇ ଜିଲ୍ଲାପାଳଙ୍କୁ ତାଙ୍କ ବାସଭବନ ସ୍ଥିତ କାର୍ଯ୍ୟାଳୟରେ ଭେଟି ଲୋକଙ୍କୁ କେମିତି ସୁଷମ ଭାବେ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ପଲିଥିନ, ଔଷଧ ପିଇବା ପାଣି, ଗୋଖାଦ୍ୟ ସୂଚାରୁ ରୂପେ ବଣ୍ଟନ କରାଯିବ ସେ ବାବଦରେ ଆଲୋଚନା କରିଥିଲେ। ଯେଉଁମାନଙ୍କର ଘର ବନ୍ୟାପାଣିରେ ଭାଙ୍ଗିଯାଇଛି, ଚାଷଜମି କ୍ଷତିଗ୍ରସ୍ତ ହୋଇଛି ସେମାନଙ୍କୁ ରାଜନୀତି ପ୍ରିୟାପ୍ରୀତି ଉର୍ଦ୍ଧ୍ୱରେ ଯାଇ ଚିହ୍ନଟ କରିବା ପାଇଁ ଏବଂ ବେଆଇନ ଭାବେ ସରକାରୀ ଜାଗାକୁ ଅବରୋଧ କରି ରଖିଥିବା ବିଶେଷ କରି ରାସ୍ତା ପାଖରେ ଥିବା ନାଳକୁ ଜବର ଦଖଲ କରି ଦୋକାନ ଗୃହ ନିର୍ମାଣ କରିଥିବା ଏବଂ ବେଆଇନ ଚିଙ୍ଗୁଡ଼ିଘେରୀ କରି ବର୍ଷାପାଣି ପ୍ରବାହରେ ବାଧା ଉପୁନ୍ନ କରୁଥିବା ଲୋକଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କୁ କହିବା ପରେ ଜିଲ୍ଲାପାଳ ତୁରନ୍ତ ଏ ସବୁର ସମାଧାନ କରିବେ ବୋଲି କହିବା ସହିତ ତାଙ୍କର ହ୍ୱାଟ୍‌ସଅପରେ ଫଟୋ ଉଠାଇ ପଠାଇବା ପାଇଁ ଅନୁରୋଧ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶୁଭଙ୍କର ମହାପାତ୍ର, ଜୋନାଲ ମିଡ଼ିଆ ସଂଯୋଜକ ପ୍ରମୁଖ ଉପସ୍ଥିତ ରହିଥିଲେ ବୋଲି ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଏକ ପ୍ରେସ ବିବୃତିରେ ଲିଖିତ ଭାବେ ଜଣାଇଛନ୍ତି।

## ଚଲାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ କବି ସମ୍ମିଳନୀ



ଭୁବନେଶ୍ୱର (ପିଏନ୍): ଓଡ଼ିଶାର ପୁରାତନ ସାହିତ୍ୟ ଅନୁଷ୍ଠାନ ଚଲାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଚଲାପଥର ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀରଙ୍କ ଆବାହକତ୍ୱରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି କବି ଭାବେ ବରିଷ୍ଠ ପ୍ରକାଶକ ତଥା କବି ଯୋଗେନ୍ଦ୍ର କୁମାର ନାୟକ, କବି ଭୂବନ ମୋହନ ମହାନ୍ତି, ତରୁଣବାଳା ମହାପାତ୍ର, ଗୀତାଞ୍ଜଳୀ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମନୋଜ୍ଞ କବିତା ପାଠୋତ୍ସବରେ କବି ମଧୁସ୍ମିତା ସାହୁ, ସୁଷମା ଲେଙ୍କା, ସୌଦାମିନୀ ସାମନ୍ତରାୟ, ସହିଂସ୍ତା ମହାନ୍ତି, ତରୁଣବାଳା ମହାପାତ୍ର, ମନୋରମା ମିଶ୍ର, ଦୀପାଳୀ ଦେବସ୍ମିତା, ପୁର୍ଣ୍ଣଚନ୍ଦ୍ର ପଟ୍ଟନାୟକ, କବି ପ୍ରତ୍ୟୁଷ କୁମାର ଭଞ୍ଜ, ରଜନୀକାନ୍ତ ପଟ୍ଟନାୟକ, ମନୋଜ କୁମାର ଜେନା, କସ୍ତୁରୀ ଚରଣ ନାୟକ, ବିଜୟ କୁମାର ବହଲି, ଇଂ ଲଡୁକିଶୋର ପଡିଆରି, ମାନଗୋବିନ୍ଦ ବାରିକ, ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଶତାଧିକ କବି ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ ।

## ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ଅନେକ କିଛି କରିଛି

ରାଉରକେଲା (ପିଏନ୍): ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ସରକାର ସମୟରେ ଅନେକ କିଛି ପଦକ୍ଷେପ ଗ୍ରହଣ କରାଯାଇଛି । ଶିକ୍ଷା, ନିଯୁକ୍ତି, ରାଜନୀତି ଇତ୍ୟାଦି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରାଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବାର ସୁଯୋଗ ସୃଷ୍ଟି କରାଯାଇଛି । ତେଣୁ ଆଜି ରାଜ୍ୟରେ ବିଜେଡିର ୨୨ ବର୍ଷର ଶାସନ ଓ କେନ୍ଦ୍ରରେ ବିଜେପିର ୮ ବର୍ଷର ଶାସନ ପରେ ବି ଆଦିବାସୀ ସମ୍ପ୍ରଦାୟର କଂଗ୍ରେସ ପ୍ରତି ସମର୍ଥନ ଓ ପ୍ରତିଷ୍ଠା ଜାରି ରହିଛି ବୋଲି ଆଦିବାସୀ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଭୂଜବଳ ମାଝି ରାଉରକେଲା ଠାରେ ପ୍ରକାଶ କରିଛନ୍ତି । ଶ୍ରୀ ମାଝି ତାଙ୍କ ରାଉରକେଲା ଗସ୍ତ ଅବସରରେ କଂଗ୍ରେସ ଭବନଠାରେ ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗ ତରଫରୁ ଅନୁଷ୍ଠିତ ସଭାରେ ସଙ୍ଗଠନର ସଦସ୍ୟମାନଙ୍କୁ ସମ୍ବୋଧିତ କରି ନିଷ୍ଠାର ସହିତ ଅଧିକ ବ୍ୟାପକ ଭାବେ ସାଧାରଣ ଆଦିବାସୀଙ୍କ ସହିତ ସମ୍ପର୍କକୁ ମଜବୁତ କରିବାକୁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ଆଦିବାସୀଙ୍କ ସ୍ୱାର୍ଥବିରୋଧୀ ବର୍ତ୍ତମାନର ବିଜେଡି ଓ ବିଜେପି ସରକାର ଆଦିବାସୀଙ୍କୁ ବିଭ୍ରାନ୍ତ କରି କଂଗ୍ରେସଠାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ମାଝି ପ୍ରକାଶ କରି ସମସ୍ତ କର୍ମକର୍ତ୍ତା ଏଥିପ୍ରତି ସଚେତନ ରହିବାକୁ କହିଥିଲେ । ଖୁବ୍‌ଶୀଘ୍ର ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗକୁ ପୁନର୍ଗଠନ କରାଯିବ ବୋଲି ଶ୍ରୀ ମାଝି ପ୍ରକାଶ କରି ଦକ୍ଷ ଓ କର୍ମଠ କର୍ମୀମାନଙ୍କୁ ପୁନର୍ଗଠିତ କମିଟିରେ ସ୍ଥାନ ଦିଆଯିବ ବୋଲି ପ୍ରକାଶ କରିଥିଲେ । ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ସଭାପତି ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁଶୀଲ କିଣ୍ଡୋ, ମହିଳା ସଭାନେତ୍ରୀ ନିରୂପମା ବଲିୟାରସିଂ, ଆଦିବାସୀ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାଜେଶ ଟପ୍ପୋ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଫିଲିସିତା ଚେରୁଆ, ଜିଲ୍ଲା କଂଗ୍ରେସ ସମ୍ପାଦିକା ସୁନୀତା ଲାକ୍ରା, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର ପ୍ରମୁଖ ବକ୍ତବ୍ୟ ରଖି ସୁନ୍ଦରଗଡ ଜିଲ୍ଲାକୁ ପୁନଶ୍ଚ କଂଗ୍ରେସର ଗଡରେ ପରିଣତ କରିବା ପାଇଁ ଆହ୍ୱାନ ଦେଇ ଏହା ଜିଲ୍ଲାର ଆଦିବାସୀ ଭାଇ ଓ ଭଉଣୀମାନେ ଚାହିଁଲେ ନିଶ୍ଚିତ ହୋଇପାରିବ ବୋଲି କହିଥିଲେ। ପ୍ରାରମ୍ଭରେ ଜିଲ୍ଲା କଂଗ୍ରେସ ଆଦିବାସୀ ବିଭାଗ ତରଫରୁ ଶ୍ରୀ ମାଝିଙ୍କୁ ଆଦିବାସୀ ପରମ୍ପରା ଅନୁଯାୟୀ ମହିଳା କଂଗ୍ରେସର ରାଜ୍ୟ ସମ୍ପାଦିକା କଲ୍ୟାଣୀ ପୂର୍ତ୍ତି, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦିକା ତୁଳସୀ ନାଗ, ଝୁନୁ ପଟ୍ଟନାୟକ ଓ ରୁକସାନା ବେଗମ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉପସଭାପତି ଉମେଶ ଶରଣ ଧନ୍ୟବାଦ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ପ୍ରଧାନ, ଅନୁପ ଖେଡିଆ, ଲୋକନାଥ ଭୂମିଜ, ଇଂ. ଶିବୁ ଓରାମ, ଧନଂଜୟ ମୁଣ୍ଡା, ମୁଖପାତ୍ର କୈଳାସ ସାହୁ, ଦିଲ୍ଲୀପ ଜେନା, ନିର୍ମଳା ସେକ୍, ଅଜୟ ଖାଲକୋ, ଅମୀତ ତିର୍କୀ, ସେବାଦଳର ବୁଲୁ ଦାସ, ରେହେମାନ ଖାନ, ବିଶ୍ୱଜିତ ସାହୁ, ରାଜୁ ପ୍ରସାଦ, ସେକ୍ ସମୀର ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ଜିଲ୍ଲାସ୍ତରୀୟ କ୍ରୀଡା ଦିବସ ପାଳିତ

ଖୋର୍ଦ୍ଧା (ପିଏନ)-ଜାତୀୟ କ୍ରୀଡା ଦିବସ ଅବସରରେ ହକି ଖେଳର କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ଏହି ଦିବସଟିକୁ ପାଳନ କରାଯାଇଛି । ଏ ନେଇ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା । ଏହି ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରମୁଖ ସାମିଲ ହୋଇଥିବା ବେଳେ ପ୍ରାରମ୍ଭରେ ଏକ ସଭା ସହ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।କ୍ରୀଡା ହେଉଛି ଜୀବନରେ ନିହାତି ଆବଶ୍ୟକତା ରହିଥିବା ବେଳେ ଚିତ ବିନୋଦନ ସହ ସୁସ୍ଥ ଜୀବନଯାପନ ନିମନ୍ତେ ଏକ ମହୌଷଧି ଭଳି କାର୍ଯ୍ୟ କରିଥାଏ । ଲକ୍ଷ୍ୟ ହାସଲ ହେଉଛି ହେଉଛି କ୍ରୀଡାର ମୌଳିକତା ଓ ଏହାକୁ ପାଥେୟ କରି ଜୀବନରେ ଅନେକ ଶିକ୍ଷଣୀୟ କଥା ଅନୁଭବ କରାଯାଇପାରେ ।ଅନେକ ଭଲ ଛାତ୍ର ପାଠପଢା ବ୍ୟତୀତ କ୍ରୀଡାରେ ନିଜର କ୍ୟାରିୟର ଗଠନ କରିବାକୁ ଆଗ୍ରହୀ ହେବା ଅନେକ ଉଜ୍ଜ୍ୱଳ ଉଦାହରଣ ରହିଛି ।ସେହିଭଳି କ୍ରୀଡା କ୍ଷେତ୍ରରେ ଉଭୟ ପୁରୁଷ ଓ ମହିଳାଙ୍କ ସମେତ ଦିବ୍ୟାଙ୍ଗ ମାନଙ୍କ ପାଇଁ ସମାନ ସୁଯୋଗ ରହିଛି ।ପୂର୍ବାପେକ୍ଷା ବିଭିନ୍ନ କ୍ରୀଡାର ପରିସର ବ୍ୟାପକ ହେଉଥିବା ଦୃଷ୍ଟିରୁ ପେଶାଦାର ମାନଙ୍କ ପାଇଁ ମଧ୍ୟ ସମ୍ମାନର ସହ ରୋଜଗାର ଦେବାର ଏକ ମାଧ୍ୟମ ପାଲଟିଛି ।ବିଦ୍ୟାଳୟ ସ୍ତରରୁ କ୍ରୀଡା ଭିତିଭୂମିସୁଦୃଢ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ।ଏହାକୁ ଉପଯୋଗ କରି ଜଣେ ସଫଳ କ୍ରୀଡାବିତ ହୋଇ ପାରିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା,ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ,ଜିଲ୍ଲା ଶାରିରୀକ କ୍ରୀଡା ନିରୀକ୍ଷକ ପଠାଣି ଆଗ୍ରାସିଂହ ଓ କ୍ରୀଡା ସମୀକ୍ଷକ ଆଶିଷ ରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication


## ଡେକୋରେଟର ସୌମେନ୍ଦୁ ମହାପାତ୍ରଙ୍କ ସ୍ମୃତି ସଭା

ପାରାଦୀପ (ପିଏନ୍)- ପାରାଦୀପର ମହାପାତ୍ର ଡେକୋରେଟର ପ୍ରତିଷ୍ଠାତା ସୌମେନ୍ଦୁ ମହାପାତ୍ର (ପୁପୁ)ଙ୍କ ଅକାଳ ବିୟୋଗରେ ଏକ ସ୍ମୃତି ସଭା ରବିବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି । ପାରାଦୀପ ଡେକୋରେଟର ସଂଘ ପକ୍ଷରୁ ପାରାଦୀପ ବଡପଡିଆସ୍ଥିତ ଶାରଳା ମନ୍ଦିର ପରିସରରେ ଏହି ସ୍ମୃତିଚାରଣ ଆୟୋଜିତ ହୋଇଥିଲା । ପାରାଦୀପରେ ଦୀର୍ଘ ତିନି ଦଶନ୍ଧି ଧରି ଡେକୋରେଟର ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ପୁପୁ ମହପାତ୍ର ଭାବେ ସେ ସମସ୍ତ ପାରାଦୀପବାସୀଙ୍କ ନିକଟରେ ପରିଚିତ ଥିଲେ । ପାରାଦୀପ ବନ୍ଦରାଂଚଳ ସମେତ ବିଭିନ୍ନ ଶିଳ୍ପସଂସ୍ଥାମାନଙ୍କରେ ସେ ଦକ୍ଷତାର ସହିତ ଡେକୋରେଟର ଭାବେ ସବୁବର୍ଗର ଲୋକମାନଙ୍କ ପାଖରେ ପ୍ରିୟପତ୍ର ଥିଲେ । ତାଙ୍କର ଏହି ଅକାଳ ବିୟୋଗ ପାରାଦୀପର ସବୁବର୍ଗର ଲୋକମାନଙ୍କ ମନରେ ଗଭୀର ଶୋକର ଛାୟା ଖେଳାଇ ଦେଇଥିଲା । ରବିବାର ଦିନ ତାଙ୍କ ବିୟୋଗରେ ଆୟୋଜିତ ସ୍ମୃତି ସଭାରେ ଅରୁଣ କୁମାର ଲେଙ୍କା, ମନୋଜ କୁମାର ସ୍ୱାଇଁ, କୈଳାସ ମଲ୍ଲିକ, ସୁବାସ ରାଉତ, ଶୁକଦେବ ରଣା, ଶିବ ପ୍ରସାଦ ବାରିକ, ଚନ୍ଦନ କୁମାର ହାତୀ, ଚନ୍ଦନ କୁମାର ପାଣି, ପ୍ରଦୀପ କୁମାର ସ୍ୱାଇଁ, ଧର୍ମାନନ୍ଦ ମଲ୍ଲ, କାରୁଣ୍ୟ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ ।

### ଧର୍ମଶାଳା ତହସିଲ ପକ୍ଷରୁ ପଟ୍ଟା ବଂଟନ

ଧର୍ମଶାଳା (ପିଏନ): ଧର୍ମଶାଳା ତହସିଲ କାର୍ଯ୍ୟାଳୟ ପକ୍ଷରୁ ୨୨ ଜଣ ଭୂମିହୀନଙ୍କୁ ପଟ୍ଟା ବଂଟନ କରାଯାଇଛି । ଧର୍ମଶାଳାସ୍ଥିତ କାର୍ଯ୍ୟାଳୟ ପରିସରରେ ତହସିଲଦାର ସ୍ୱାଗତ ଦାସଙ୍କ ଅଧ୍ୟକ୍ଷତାରେ ଅୟୋଜିତ ପଟ୍ଟା ବଂଟନ କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନାକପୋଲ ସର୍କଲର ୧୨ ଜଣ , ବାଙ୍କସାହି ସର୍କଲର ୮ ଜଣ, ବଡକାଏମା ଓ ଶ୍ରୀନଗରର ଜଣେ ଲେଖାଏଁ ଭୂମିହୀନଙ୍କୁ ପଟ୍ଟା ବଂଟନ କରିଥିଲେ । ସମ୍ପୃକ୍ତ ସର୍କଲର ଆରଆଇ ଉପସ୍ଥିତ ହିତାଧିକାରୀ ଚିହ୍ନଟରେ ସହଯୋଗ କରିଥିଲେ । ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି ସୂଚନା ପ୍ରଦାନ କରିଥିଲେ ।

## ଆରୁହାରେ ବେଆଇନ କଳାପଥର ଖାଦାନ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ବେଆଇନ ଭାବେ କଳାପଥର ଉତୋଳନ କରିଥିବା ପ୍ରଭାକର ଜେନାଙ୍କ ଉପରେ ଲାଗୁ ହୋଇଥିବା ଜୋରିମାନା ଆଦାୟ କରିବାକୁ ପ୍ରଶାସନ ଟାଳଟୁଳ ନିତି ଅବଲମ୍ବନ କରିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଲୋକାୟୁକ୍ତ ଏହାର ଶୁଣାଣୀ କରି ଯାଜପୁର ଜିଲ୍ଲାପାଳ ଓ ତହସିଲଦାରଙ୍କୁ ସେପଟେମ୍ବର ୨୭ ତାରିଖ ମଧ୍ୟରେ ହାଜିର ହୋଇ ଏହାର ଉତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ମୁତାବକ ଆରୁହା କଳପଥର ପାହାଡର ଖାତା ନଂ ୭୭୯ ଓ ପ୍ଲଟ ନଂ ୨୮୧୦ରେ ଆରୁହା ଗ୍ରାମର ପ୍ରଭାକର ଜେନା ନାମକ ବ୍ୟକ୍ତି ବେଆଇନ ଭାବେ ପଥର ଉତୋଳନ କରି ଅନ୍ୟତ୍ର ଚାଲାଣ କରିବା ସହ ସେଠାରେ ଥିବା ତାଙ୍କର କ୍ରସରରେ ଭଙ୍ଗା ଯାଇଥିବା ନେଇ ସ୍ଥାନୀୟ ଅଂଚଳର ମନୋରନ ଜେନା ଫେବୃଆରୀ ୨୦୧୯ ମସିହାରେ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାକୁ ନେଇ ଧର୍ମଶାଳା ତତକାଳିନ ତହସିଲଦାର ଏହାର ତଦନ୍ତ କରିବାକୁ ସ୍ଥାନୀୟ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ତଦନ୍ତ ସମୟରେ ସେଠାରେ ବେଆଇନ ଖାଦାନ ଚାଲିଥିବା ବେଳେ ବହୁପରିମାଣର କଳାପଥର ଉତୋଳନ ହୋଇଥିବା ନେଇ ଆରଆଇ ତହସିଲଦାରଙ୍କୁ ରିପୋର୍ଟ କରିଥିଲେ । ଏହାକୁ ଭିତିକରି ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପ୍ରଭାକର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ତାଙ୍କ କ୍ରସରକୁ ସିଲ୍ କରିଥିଲା । ତଦନ୍ତ ସମୟରେ ସେଠାରୁ କେତେ ପରିମାଣର କଳାପଥର ଉତୋଳନ ହୋଇଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ । ସମ୍ପୃକ୍ତ ଅଂଚଳର ଆରଆଇ ଏବଂ ପୁଲିସ ମିଳିତ ଭାବେ ସେଠାରେ ତଦନ୍ତ କରି ୨ଲକ୍ଷ ସିଏମ କଳାପଥର ଚାଲାଣ ହୋଇଥିବା ମାପଚୁପରେ ଜଣାପଡିଥିଲା । ଯାହାର ମୂଲ୍ୟ ୨ କୋଟି ୬୦ ଲକ୍ଷ ଟଙ୍କା ଆକଳନ କରାଯାଇଥିଲା । ହେଲେ ଏହି ଘଟଣାକୁ ୨ ବର୍ଷ ବିତିଯାଇଥିଲେ ହେଁ ତହସିଲ ପକ୍ଷରୁ ସମ୍ପୃକ୍ତ ମାଫିଆଙ୍କଠାରୁ ଜୋରିମାନା ଆଦାୟ କରିବାରେ ବିଫଳ ହେବା ନେଇ ଅଭିଯୋଗକାରୀ ମନୋରଂଜନ ଜେନା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ । ଲୋକାୟୁକ୍ତ ୨୨୬/ ୨୨ରେ ଏକ ମାମଲା ରୁଜୁ କରିଥିଲେ । ଏହି ଘଟଣାର ବିଚାର କରି ଯାଜପୁର ଜିଲ୍ଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ଆସନ୍ତା ୨୭ ସେପ୍ଟେମ୍ବର ମଧ୍ୟରେ ହାଜିର ହୋଇ ଘଟଣା ଉପରେ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ତାହା ଲୋକାୟୁକ୍ତଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ ଲୁଟ ହୋଇଥିବା କଳାପଥରର ଆକଳନ କରାଯାଇଛି । ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଆସିଲେ ପ୍ରଭାକର ଜେନାଙ୍କ ଠାରୁ ଜରିମାନା ଆଦାୟ ହେବ ।

## ଡ. ଭାଗବତ ପ୍ରସାଦ ଦାସଙ୍କ "ସାନ୍ତାଳୀ ଲୋକକଥା" ଲୋକାର୍ପିତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣାର ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ଦଶମ ପୁସ୍ତକ 'ସାନ୍ତାଳୀ ଲୋକକଥା' ମହାବୀର ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ଲୋକାର୍ପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୋନାଲିସା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଗବେଷକ ହରେକୃଷ୍ଣ ଗିରି, ଆଲୋଚକ କବି ନିରଞ୍ଜନ ସାହୁ, ସମ୍ମାନୀୟ ଅତିଥି ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ନୟନ କୁମାର ପଣ୍ଡା, ରାଧା ଗୋବିନ୍ଦ ମାହାର୍ଣ୍ଣା, ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ଡ. ଦାସଙ୍କ ସାରସ୍ୱତ କୃତିକୁ ଭୂୟସୀ ପ୍ରଶଂସା କରିଥିଲେ। ସମୀକ୍ଷକ ଶ୍ରୀଯୁକ୍ତ ସାହୁ ପୁସ୍ତକଟି ସମୀକ୍ଷା ସାନ୍ତାଳୀ ଜୀବନଚର୍ଯ୍ୟା, ସେମାନଙ୍କ ପର୍ବ ପର୍ବାଣୀ, ଭାଷା, ଲୋକ ଗୀତ, ଢ଼ଗ ଢ଼ମାଳୀ ତଥା ସାନ୍ତାଳୀ ଲୋକକଥା ସହଜ, ସରଳ ଓ ବୋଧଗମ୍ୟ ଭାଷାରେ ଏଥିରେ ସନ୍ନିବେଶିତ ବୋଲି ମତ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ବୃନ୍ଦ ସ୍ୱାଗତ ସଂଗୀତ ଗାନ କରିଥିଲା ବେଳେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିଲେ। ଲେଖକ ଡ. ଦାସ ଲେଖକୀୟ ଅଭିମତ ପ୍ରକାଶ କରିଥିଲା ବେଳେ ଶିକ୍ଷକ ରାଧାରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବରୁଣ କୁମାର ନାୟକ, ସତ୍ୟବ୍ରତ ବାଗ୍, ଶିକ୍ଷୟତ୍ରୀ ମୌସୁମୀ ବାରିକ, ଶୁଭସ୍ମିତା ପତି, ପୂର୍ଣ୍ଣିମା ପ୍ରଧାନ, ରଞ୍ଜିତା ସାନ୍ତରା, ମଧୁସ୍ମିତା ମହାଳିକ, ଲକି ବେହେରା, ଅର୍ପିତା ରାଉତ, ସ୍ୱପ୍ନା ମହାପାତ୍ର, ବାସନ୍ତୀ ପରିଡ଼ା, ସରୋଜ ପତି ପ୍ରମୁଖ ଉପସ୍ଥିତ ଥିଲେ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
# ପର୍ଯ୍ୟବେକ୍ଷକ
Bhubaneswar Tuesday November 26 | ଭୁବନେଶ୍ୱର ମଙ୍ଗଳବାର, ନଭେମ୍ବର ୨୬,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


## ପ୍ରଜ୍ଞାନ୍ ମିଶନ ପକ୍ଷରୁ ଶ୍ରୀମଦ୍ ଭଗବତ ଗୀତା ଆବୃତ୍ତି ପ୍ରତିଯୋଗିତା



ଜଗତସିଂହପୁର,(ପି.ଏନ) ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ଜିଲ୍ଲା ସ୍ତରୀୟ ଗୀତ ଆବୃତ୍ତି ପ୍ରତିଯୋଗିତା ଅଧ୍ୟାପକ ପ୍ରଦୀପ ଶତପଥୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ରୂପେ ପଣ୍ଡିତ ପ୍ରମୋଦ ପଣ୍ଡା ଯୋଗଦେଇଥିଲେ ।ବିଚାରକ ରୂପେ ସୁବାସ ବେହେରା, ଡ଼ ଆରତୀ ତ୍ରିପାଠୀ, ସୁଦର୍ଶନ ନାୟକ, ସରୋଜିନୀ ବଳ, ବସନ୍ତ ମହାରଣା, ବାବାଜୀ ଚ଼ରଣ ଦାସ,ବିପିନୀ ବିହାରୀ ପାଣିଗ୍ରାହୀ, ଚୈତନ୍ୟ ଚ଼ରଣ ରାଉତ, ବସନ୍ତ କୁମାର ଦାସ, ବଂଶିଧର ଆଚ଼ାର୍ଯ୍ୟ, ନବଘନ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ ।ଗୀତା ଆବୃତ୍ତି କରିଥିବା ପ୍ରତିଯୋଗୀ ମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଗ୍ରୃପ ( କ) ଶ୍ରେୟାସିଂ ସାହୁ,ସୁବାଶିଷ ରାଉତ,ଏସ୍ କେ ଅର୍ଘ୍ୟ ସ୍ୱରୁପା, ଗ୍ରୃପ (ଖ) ସୁନୟନା ସ୍ୱାଇଁ,ସାଇପଦ୍ମିନୀ ଲେଙ୍କା,ସୁଭମ ସ୍ୱାଇଁ,ଗ୍ରୃପ୍ (ଗ) ଆର୍ ଶ୍ରୁତିରାଧା, ଅନନ୍ୟା ଶୁଭଦର୍ଶିନୀ, ଶରଣଶ୍ରୀତ୍ ସ୍ୱାଇଁ,ଗ୍ରୃପ (ଘ) ସ୍ମୃତି ରେଖା ଶତପଥୀ, ଶୁଶ୍ରୀ ତେଜସ୍ୱିନୀ ଦାଶ, ଶୁଭଶ୍ରୀ ରଥ ପ୍ରତିଯୋଗୀ ମାନେ ରାଜ୍ୟ ସ୍ତରକୁ ଉନ୍ନୀତ ହୋଇଛନ୍ତି ।ଆସନ୍ତା ଡ଼ିସେମ୍ବର ତା- ୨୬ ଓ ୨୭ ରିଖରେ ରାଜ୍ୟ ସ୍ତରୀୟ ଗୀତ ଆବୃତ୍ତି ପ୍ରତିଯୋଗିତା ପୁରୀ ବାଲିଘାଇ ସ୍ଥିତ କ୍ରିୟା ଯୋଗ ଆଶ୍ରମରେ ଅନୁଷ୍ଠିତ ହେବ ।ଅନ୍ୟ ମାନଙ୍କ ମଧ୍ୟରେ ବିଜୟ କୁମାର ରାଉତ, ବିପ୍ଳବ ଚୌଧୁରୀ, ପୂର୍ଣଚ଼ନ୍ଦ୍ର ସାମନ୍ତରାୟ, ଗୟାଧର ସାହୁ, ଭଗବାନ ଦାଶ, ଗାୟତ୍ରୀ ରାଉତ,ଝୁଲାରାମ୍ ଦାଶ, ଡ଼ ବିଷ୍ଣୁପ୍ରିୟା ଦାଶ, ପ୍ରମୁଖ କାର୍ଯ୍ୟକ୍ରମ ପରିଚ଼ାଳନାରେ ସହଯୋଗ କରିଥିଲେ ।ଉକ୍ତ ଗୀତ ଆବୃତ୍ତି ପ୍ରତିଯୋଗିତା କୁ ଜିଲ୍ଲା ସଂଯୋଜକ ସତ୍ୟବ୍ରତ ବିଶ୍ୱାଳ , ଚୈତନ୍ୟ ଚ଼ରଣ ରାଉତ ଏବଂ ବାସବ କୁମାର ନନ୍ଦ ପରିଚ଼ାଳନା କରୁଥିଲେ ।

## ଖପ୍ରାଖୋଲ ତହସିଲ ସମ୍ମୁଖ ରେ ଗନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ଦାବୀରେ ଗଣ ଧାରଣା




ଖପ୍ରାଖୋଲ,(ପିଏନ) : ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ହରିଶଙ୍କର ଶାଖା ତରଫରୁ ଗନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ଆଇନ ଦାବୀରେ ସୋମବାର ଗଣ ଧାରଣା ଆରମ୍ଭ ହୋଇ ଯାଇଛି । ଏହି ଅବସରରେ ପ୍ରଥମେ ଆନ୍ଦୋଳନ କାରି ମାନେ ସ୍ଥାନୀୟ ଥାନା ଛକ ରୁ ଏକ ବିକ୍ଷୋଭ ଶୋଭାଯାତ୍ରା ରେ ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା ଦେଇଥିଲେ ।ଗନ୍ଧମାର୍ଦ୍ଦନ ପାହାଡ଼ର ଚ଼ାରି ପଟରେ ଏକ ନିର୍ଦ୍ଧିଷ୍ଟ ଅଣ ଓଡ଼ିଆ କମ୍ପାନୀ ଜମି ଅଧିଗ୍ରହଣ କରିଥିବା ନେଇ ଜନ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ଗନ୍ଧମାର୍ଦ୍ଦନ ପାହାଡର ଚ଼ତୁର୍ପାର୍ଶ୍ୱରେ ବସବାସ କରୁଥିବା ଜନ ସାଧାରଣ କମ୍ପାନୀର ଏହି ଜମି ଅଧିଗ୍ରହଣକୁ ନେଇ ଭୟଭୀତ ହେବା ସହ କାଳେ କମ୍ପାନୀ ଗନ୍ଧମାର୍ଦ୍ଦନ ପାହାଡକୁ ଖଣି ଖନନ ପାଇଁ ଜମି ଅଧିଗ୍ରହଣ କରୁଛି ବୋଲି ସନ୍ଦେହ କରିଛନ୍ତି । ଏହାକୁ ନେଇ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ସରକାରଙ୍କ ସ୍ୱଷ୍ଟକ୍ତି ସହିତ ସ୍ଥାୟୀ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଦାବୀ କରି ତହସିଲ କାର୍ଯ୍ୟାଳୟ ସମ୍ମୁଖ ରେ ଗଣ ଧାରଣା ଦେବା ସହିତ ଦାବୀ ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀ ମାନେ ଚେତାବନୀ ଦେଇଛନ୍ତି । ଏହି ଧାରଣାରେ ରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଜୟ ସିଂ ପୁଜାରୀ, ଅନନ୍ତ ବାରିକ ଯୁଗ୍ମ ଆବାହକ, ଟେକେନ୍ଦ୍ର ଜାଲ, କ୍ଷମାନିଧି ଭୋଇ, ରଘୁନାଥ ସିଂ ବରିହା, ଶଶିରେଖା ଧରୁଆ, ଯଶୋବନ୍ତ ବରିହା, କୁଶ ଧ୍ୱଜ ମାଝୀ, ସୁଶୀଲ ନାଏକ, ନୀଳମାଧବ ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିବା ବେଳେ ବରଗଡ଼ ଜିଲ୍ଲାରୁ ରାଜ କୁମାର ସେଠ, ଡାଇମଣ୍ଡ ଭୁଏ, ପ୍ରଶାନ୍ତ ମାଝୀ, ସଞ୍ଜୀବ ବରିହା, ମୋହନ ଜଗତ, କ୍ଷେତ୍ର ଲୁହାର, ଧବଳେଶ୍ୱର ସାହୁ, ଗିରିଶ ଦଣ୍ଡସେନା, ନକୁଳ ବରିହା, ନରସିଂହ ବନଛୋର ପ୍ରମୁଖ ଏହି ଗଣ ଧାରଣାରେ ସାମିଲ ହୋଇଥିଲେ । ଖବର ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନକାରୀ ମାନେ ଧାରଣାରେ ବସିଥିବା ଜଣାପଡିଛି । ସୂଚ଼ନା ଯୋଗ୍ୟ ପୂର୍ବରୁ ଉପମୁଖ୍ୟ ମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂହଦେଓ ଓ ବରଗଡ ଲୋକ ସଭା ସାଂସଦ ତଥା ବରିଷ୍ଠ ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନ ନେତା ପ୍ରଦୀପ ପୁରୋହିତ ଗନ୍ଧମାର୍ଦ୍ଦନ ପାହାଡ ରେ ଖଣି ଖନନ ହେବାରୁ ଦିଆଯିବ ନାହିଁ ବୋଲି କହିସାରିଛନ୍ତି । ସେହିପରି ବଲାଙ୍ଗିର ଡି ଏଫ୍ ଓ ଅଣ ଓଡ଼ିଆ କମ୍ପାନୀ ର ଜମି କିଣା କମ୍ପାନୀ ର ପରିପୂରକ ବନୀକରଣ ହେବ ବୋଲି ଗଣ ମାଧ୍ୟମ କୁ ପୂର୍ବରୁ ସୂଚ଼ନା ଦେଇଛନ୍ତି ।

## ତୁର୍ଲା ଗାଁରେ ଏକଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ



ଖପ୍ରାଖୋଲ:(ପିଏନ): ଖପ୍ରାଖୋଲ ବ୍ଲକ୍ ଭାନପୁର ପଞ୍ଚାୟତର ତୁର୍ଲା ଗାଁରେ ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ମୁଖ୍ୟ ମ୍ୟାଚ୍ ଭାନପୁର ଓ ସର୍ଗୀପାଲି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଭାନପୁର ଦଳ ପ୍ରଥମେ ବ୍ୟାଟିଙ୍ଗ କରି ୮ ଓଭର ରେ ସମସ୍ତ ୱିକେଟ୍ ହରାଇ ୪୯ ରନ୍ ସଂଗ୍ରହ କରିଥିଲା । ଜବାବରେ ସର୍ଗୀପାଲି ଦଳ ୮ ଓଭରରେ ୮ ୱିକେଟ୍ ହରାଇ ୪୮ ରନ୍ ସଂଗ୍ରହ କରିପାରିଥିଲା । ଫଳରେ ଭାନପୁର ଦଳ ୧ ରନ୍ ରେ ବିଜୟୀ ହୋଇ ଚ଼ାମ୍ପିୟନ ହୋଇଥିଲା । ଏହି ମ୍ୟାଚ଼ରେ ଆମ୍ପାୟାର ଭାବେ ଶଙ୍କର ବରିହା ଓ ସ୍ୱାଧିନ ପଣ୍ଡା ଦାୟିତ୍ୱ ପାଳନ କରିଥିଲେ, ଯେଉଁବେଳେ ପପୁ ଭୁଏ ସ୍କୋରର ଦାୟିତ୍ୱ ନିଭାଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଭୈରବୀ କ୍ଲବ୍ ସଭାପତି ଜ୍ୟୋତି ରଞ୍ଜନ ପଣ୍ଡା ଯୋଗଦେଇ ଚ଼ାମ୍ପିୟନ ଦଳକୁ ନଗଦ ୫,୦୦୦ ଟଙ୍କା ଓ ରନର୍ସ-ଅପ୍ ଦଳକୁ ୩,୦୦୦ ଟଙ୍କା ପ୍ରଦାନ କରିଥିଲେ ଏହି ଅବସରରେ ଆକାଶ ପାଣିଗ୍ରାହୀ, ସୁଭିତ୍ ଭୋଇ, ଦେବାଶିଷ ପାଣିଗ୍ରାହୀ, ଆଶିଷ ପାଣିଗ୍ରାହୀ, ଉତ୍ତମ ମାଝୀ ଓ କେଦାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ସ୍ତରୀୟ ଯୁବ ରେଡକ୍ରସ୍ ଶିବିରରେ ରକ୍ତଦାନ ଶିବିର ଆୟୋଜିତ

ଧର୍ମଗଡ଼,(ପି.ଏନ):କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ଉପଖଣ୍ଡ ଗୋଲାମୁଣ୍ଡା ସ୍ଥିତ ସର୍ବ ମଙ୍ଗଳା ଡିଗ୍ରୀ ମହାବିଦ୍ୟାଳୟଠାରେ ଜିଲ୍ଲା ସ୍ତରୀୟ ଯୁବ ରେଡକ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶରତ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ସଭାପତି ନବରତ୍ନ ରାଉତ , ସମ୍ମାନିତ ଅତିଥି ଭାବେ ଇଂ ପ୍ରିୟବ୍ରତ ସିପକା, ଜିଲ୍ଲା ଆବାହକ ସଂପାଦକ ସଂଜିବ କୁମାର ସାହୁ, ଜିଲ୍ଲା ସଂଯୋଜକ ଶାନ୍ତନୁ କୁମାର ପରିଡ଼ା,ମହାବିଦ୍ୟାଳୟ ଉପାଧକ୍ଷ ନବୀନ ଚ଼ନ୍ଦ୍ର ମେହେର ଉପସ୍ଥିତ ରହି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ । ଶିବିରର ଦ୍ୱିତୀୟ ଦିବସରେ ଜଳବାୟୁ ପରିବର୍ତ୍ତନ ଉପରେ ଅଧ୍ୟାପକ ସରୋଜ କୁମାର ପଣ୍ଡା, ପ୍ରାଥମିକ ଚ଼ିକିତ୍ସା ଉପରେ ଶାନ୍ତନୁ କୁମାର ପରିଡ଼ା ଓ ମୋହନ ଚ଼ରଣ ବିଷି ଏବଂ ସଡକ ସୁରକ୍ଷା ଉପରେ ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ ପ୍ରଶିକ୍ଷକ ଭାବରେ ଉପସ୍ଥିତ ରହି ପ୍ରଶିକ୍ଷଣ ଓ ପ୍ରଦର୍ଶନ କରିଥିଲେ । ଆୟୋଜିତ ରକ୍ତଦାନ ଶିବିରରେ ମହାବିଦ୍ୟାଳୟର ଅଧକ୍ଷ ଶରତ କୁମାର ସ୍ୱାଇଁ ,ଗୋବିନ୍ଦ ସାହୁ ,ନବ କୃଷ୍ଣ ସାହୁ, ଲକ୍ଷଣ କୁମାର ସାହୁ,ଶଙ୍କର ମେହେର ,ତୁଳାରାମ ଚ଼ଣ୍ଡୀ ,ମନୋଜ କୁମାର ସାହୁ,ବିକାଶ ରଞ୍ଜନ ନାୟକ ,ଲସବ ସେଠିଆ, ସରୋଜ ଲିମଗୋଛିଆ, ଦେବେନ୍ଦ୍ର କୁମାର ବିଶି,ଭେଙ୍କଟ ରମଣ ସାହୁ, ନରେନ୍ଦ୍ର ବନ୍ଛୁରା,ଦିପା ମାଝୀ, ସିମା ପୋଡ଼ ,ବାଦଲ ବାଗ, ଶରତ କୁମାର ତାଣ୍ଡି , ହିମାଂଶୁ ନାଗ,ଦଶରଥ ନାଏକ, ହିମାଂଶୁ ସେନାପତି, ଅମ୍ରେଶ ନେଗି, ଲିପିକା ବାଗ,ତନ୍ମୟ କୁମାର ପଣ୍ଡା ପ୍ରମୁଖ ରକ୍ତଦାନ କରିଥିଲେ । ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ପରାମର୍ଶଦାତା ଗୋବିନ୍ଦ ସାହୁଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଉପସ୍ଥିତ ଯୁବ ରେଡକ୍ରସ୍ ପରାମର୍ଶଦାତା ଏବଂ ସ୍ୱେଚ୍ଛାସେବୀ ମାନେ କାର୍ଯ୍ୟକ୍ରମ ପରିଚ଼ାଳନାରେ ସହଯୋଗ କରିଥିଲେ । ଓଡ଼ିଶା ରକ୍ତ କେନ୍ଦ୍ର ଧର୍ମଗଡରୁ ଏଲଟି ଗଜାନନ ବେହେରା, ନିଗମାନନ୍ଦ ଗୋପାଳ, ଉମ୍ବଧର ମେହେର, ପଞ୍ଚାନନ ମାଳୀ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ ଏବଂ ଏହି ଶିବିରରେ ମୋଟ ୫୧ ୟୁନିଟ ରକ୍ତ ସଂଗ୍ରହ କରିଥିଲେ ।

## କେନ୍ଦ୍ରାପଡା ମଣ୍ଡଳ ସ୍ତରୀୟ ବିଜ୍ଞାନ ମେଳା



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୋବିନ୍ଦଜୀଉ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମଣ୍ଡଳ ସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ସୋମବାର ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କୃଷି ବିଜ୍ଞାନକେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଅରବିନ୍ଦ ଦାସ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି କିଶୋର କୁମାର ପଣ୍ଡା, ୮ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଷିଦ୍ଧ ବାରିକ, ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ହିରଣ୍ୟ ବାରିକ, ପଳସିଂହା ସରପଞ୍ଚ ଦେବେନ୍ଦ୍ର ପରିଡା, ସମିତିସଭ୍ୟା କୁମୁଦିନି ପରିଡା, ଗୋବିନ୍ଦଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୋ ସ୍କୁଲ ଅଧକ୍ଷ ଶରତ ଚନ୍ଦ୍ର ବିଶ୍ୱାଳ, ଉଚ୍ଚ ବିଦ୍ୟାଳୟର ମୋ ସ୍କୁଲ ଅଧକ୍ଷ ଅଜିତ କୁମାର ମହାପାତ୍ର, ଗୋବିନ୍ଦଜୀଉ ଉ ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନ୍ଦ୍ର ମହାପାତ୍ର, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ ଜେନା, ଶିକ୍ଷକନେତା ପ୍ରଣବ ଜେନା ପ୍ରମୁଖ ଯୋଗ ଦେଇଥିଲେ । ସଭା ସଞ୍ଚାଳନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ସି ଆର ସି ସି ଅନନ୍ତ କୁମାର ପରିଡା । ନିଷ୍ଠା ଓ ନିରନ୍ତର ଉଦ୍ୟମ କଲେ ବିଜ୍ଞାନର ଜୟଯାତ୍ରା ସମ୍ଭବ ହେବ ବୋଲି ବିଧାୟକ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ । ସି ଆର ସି ସି ରଞ୍ଜନ କିଶୋର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ହିରଣ୍ୟ ବାରିକଙ୍କ ସଭାପତିତ୍ୱରେ ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ ଓ ମୁଖ୍ୟବକ୍ତା ଭାବେ ମଣ୍ଡଳ ବିଜ୍ଞାନ ସଂଯୋଜକ ସିଦ୍ଧାର୍ଥ ଶଙ୍କର ଜେନା, ସମ୍ମାନିତ ଅତିଥି ଭାବେ ଓଡିଶା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦାଶରଥି ନାୟକ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ସଭାପତି ରାଜକିଶୋର ବିଶ୍ୱାଳ, ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ସଭାପତି ରାଜେନ୍ଦ୍ର ପ୍ରସାଦ ରାଉତ, ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ତପନ କୁମାର ଦାଶ ଓ ସି ଆର ସି ସି ରଞ୍ଜନ ରାଉତ, ଅସଗର ଅଲ୍ଲୀ, ଗୟାସୁଦ୍ଦିନ, ଅନନ୍ତ କୁମାର ପରିଡା, ଶିକ୍ଷୟିତ୍ରୀ କାକୁଲୀ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ଏଥିରେ କୁନି କୁନି ବୈଜ୍ଞାନିକଙ୍କ ଏକଶହ ଆଠଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସେଥିରୁ ସାତଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ ହୋଇଛି । କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉଦଯାପନୀ ଉତ୍ସବରେ ଅତିଥି ପରିଚୟ ଓ ସଭା ସଞ୍ଚାଳନ କରିଥିଲେ ମା ମଙ୍ଗଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଧାନାଥ ମିଶ୍ର । ଏହି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ସିଆରସିସି ଅଚ୍ୟୁତାନନ୍ଦ ସାମଲ, କିଶୋର ଚନ୍ଦ୍ର ଜେନା, ଦେବାଶିଷ ସାହୁ, ଶୁଭେନ୍ଦୁ ବେହେରା, ତପନ ଜେନା, ଶୈଳେନ ପରିଡା, ଦେବୀପ୍ରସାଦ ଦାସ, ତ୍ରୈଲୋଚନ ସାମଲ, ଶିକ୍ଷକ ଫୟାଜୁଦ୍ଦିନ, ବିଶ୍ୱବନ୍ଧୁ ଜେନା, ସେକ ଖତିବ, ଅଭିମନ୍ୟୁ ମଲ୍ଲିକ, ମାନଭଞ୍ଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray